

ଅନୁଗୋଳ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ବାମନ ବେଶ (ଫଟୋ-ଚିଙ୍କୁ)

■ ୧୦୦ ଦିନର ସାଇକଲ ଯାତ୍ରା

# ଆଠମଲ୍ଲିକରେ ପହଞ୍ଚିଲେ ଶ୍ରୀଲଙ୍କା ନାଗରିକ



**ଆଠମଲ୍ଲିକ, ୯ ।୭ (ସମିସ):** ଶ୍ରୀଲଙ୍କା ନାଗରିକ ପିରତା ପନ ଭାରତକୁ ଆସି ଦେଶର ମୁଖ୍ୟ ମୁଖ୍ୟ ସ୍ଥାନକୁ ପରିଦର୍ଶନରେ ଯାଇ ୧୨୦ ଦିନରେ ହାରାହାରି ୧୫ ହଜାର କିଲୋମିଟର ଯିବାର ଗଲକ୍ଷ୍ୟ ରଖି ଆଠମଲ୍ଲିକରେ ପହଞ୍ଚିଥିଲେ। ୧୨୦ ଦିନରୁ ୧୦୦ ଦିନ ସାଇକଲ ଯାତ୍ରା କରି ମଧ ଖୁସି ମନରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାକ୍ଷାତ ବେଳେ ପରିବେଶ, ପ୍ରକୃତି ସୁରକ୍ଷା ଓ ଜୀବଜନ୍ତୁଙ୍କର ସୁରକ୍ଷା ବାର୍ତ୍ତା ନେଇ ଭ୍ରମଣରେ ବାହାରିଛି ବୋଲି ପ୍ରକାଶ କରିଥିଲେ। ତାଙ୍କର କହିବା ଅନୁଯାୟୀ ସେ ପ୍ରଥମରେ ଫ୍ଲାଇଟରେ ଆସି ଭାରତର ରାୟପୁରରେ ପହଞ୍ଚିଥିଲେ। ରାୟପୁରରୁ ସାଇକଲ ଯାତ୍ରା ଆରମ୍ଭ କରି ଭୁବନେଶ୍ୱର, କଲିକତା, ମଣିପୁର, ନାଗାଲାଣ୍ଡ, ଆଗ୍ରା ପ୍ରଭୃତି ସ୍ଥାନକୁ ଯାଇ ବୁଲି ଦେଖିଥିଲେ।

୧୦ ବର୍ଷ ଧରି ଗୋଟିଏ ସ୍ଥାନରେ ଚାକିରି

# ଖବର ପ୍ରକାଶ ପରେ ସାମ୍ବାଦିକଙ୍କୁ ଯନ୍ତ୍ରୀଙ୍କ ଧମକ

ତାଳଚେର ସହର ୯ ।୭ (ସମିସ)







ଦୁର୍ନୀତିର ଗନ୍ତାଘର ପାଲଟିଛି ତାଳଚେର ପୌର ପରିଷଦ କାର୍ଯ୍ୟାଳୟ। ବିଗତ ଦିନରେ ବିଭିନ୍ନ ଗଣମାଧ୍ୟମରେ ତାଳଚେର ପୌର ପରିଷଦ କାର୍ଯ୍ୟାଳୟରେ ହେଉଥିବା ବ୍ୟତିକ୍ରମ ସମ୍ପର୍କରେ ଖବର ପ୍ରକାଶନ ହେଉଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଇ କିଛିଦିନ ତଳେ ଅର୍ଥାତ୍ ଗତ ଶନିବାର ଦିନ 'ସକାଳ' ଦୈନିକ ଖବର କାଗଜରେ 'ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ, ନିମ୍ନମାନର କାର୍ଯ୍ୟ ଅଭିଯୋଗ; ଉତ୍ତର ଦେବାକୁ ଡରୁଛନ୍ତି ଯନ୍ତ୍ରୀ' ଶୀର୍ଷକ

● **ସରକାରୀ କାର୍ଯ୍ୟ ବିଷୟରେ ପଚାରିଲେ ଦେଖାଉଛନ୍ତି ନାଲିଆଖି**

ଏକ ଖବର ପ୍ରକାଶ ପାଇଥିଲା। ଯେଉଁଥିରେ ତାଳଚେର ଆଇଟିଆଇ ଛକଠାରୁ ଆଇଟିଆଇ କଲେଜ ପର୍ଯ୍ୟନ୍ତ ହେଉଥିବା ରାସ୍ତା କାମରେ ବ୍ୟତିକ୍ରମ ଗୁଡିକ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ସାମ୍ବାଦିକ ଦୁର୍ଗାପ୍ରସାଦ ସ୍ୱାଇଁ ବିଭାଗୀୟ ପୌର ପରିଷଦ ଯନ୍ତ୍ରୀ ପ୍ରଣତି ନନ୍ଦଙ୍କ ଅବଗତି ନିମନ୍ତେ ତାଙ୍କ ହ୍ୱାଟ୍ସ ଆପକୁ ପଠାଇଥିଲେ। ଖବର ଦେଖିବା ପରେ ଯନ୍ତ୍ରୀ ପ୍ରଣତି ଖବରରେ ପ୍ରକାଶ ପାଇଥିବା ରାସ୍ତା କାର୍ଯ୍ୟ ସମ୍ପର୍କିତ ବ୍ୟତିକ୍ରମକୁ ତର୍ଜମା କରିବା ପରିବର୍ତ୍ତେ ଫୋନ୍ ଯୋଗେ ସାମ୍ବାଦିକ ଦୁର୍ଗାପ୍ରସାଦ ସ୍ୱାଇଁଙ୍କୁ କାହିଁକି ଖବର ମୋ ପାଖକୁ ପଠାଇଛନ୍ତି, ମୁଁ ଆପଣଙ୍କୁ ଅଫିସକୁ ଡାକିଲି ଆପଣ କାହିଁକି ଆସିଲେନି। ମୁଁ ଆପଣଙ୍କ ନାଁରେ ଥାନାରେ ଏତଲା ଦେବି ବୋଲି କହି ଧମକ ଦେଇଥିଲେ। ପରେ ତାଳଚେର ପୌର ପରିଷଦର ସୂଚନା ଲୋକସମ୍ପର୍କ ଅଧିକାରୀଙ୍କ ଆରଟିଆଇ ତଥ୍ୟରୁ ଜାଣିବାକୁ ମିଳିଲା ଯେ, ଯନ୍ତ୍ରୀ ପ୍ରଣତି ନନ୍ଦ ତାଳଚେରରେ ପୌର ପରିଷଦ କାର୍ଯ୍ୟାଳୟରେ ବିନା ବଦଳିରେ ଆଜକୁ ୧୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ୨୦୧୪ ମସିହା ଜୁଲାଇ ମାସ ୨ ତାରିଖରେ ସେ ତାଳଚେର ପୌର ପରିଷଦରେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା ବେଳେ ଏବେ ପର୍ଯ୍ୟନ୍ତ ତାଙ୍କର କୌଣସି ସ୍ଥାନକୁ ବଦଳି ହୋଇନାହିଁ। ସରକାରୀ ନିୟମ ଅନୁସାରେ ପ୍ରତି ୩ ବର୍ଷ ବ୍ୟବଧାନରେ ସରକାରୀ କର୍ମଚାରୀଙ୍କ ବଦଳୀ ହେବାର ନିୟମ ଥିବା ବେଳେ ପ୍ରଣତିଙ୍କ କ୍ଷେତ୍ରରେ ବ୍ୟତିକ୍ରମ କାହିଁକି ହୋଇଛି, ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଦୀର୍ଘବର୍ଷ ଧରି ପ୍ରଣତି ଗୋଟିଏ ସ୍ଥାନରେ ରହି ଆସିଥିବାରୁ ଠିକାଦାରମାନଙ୍କ ସହ ମିଶି ଦୁର୍ନୀତି କରୁଥିବା ସନ୍ଦେହକୁ ଏଡାଇ ଦିଆଯାଇ ନପାରେ। ଅନ୍ୟପକ୍ଷେ ଖବର ପ୍ରକାଶିତ ହେବା ପରେ ଯନ୍ତ୍ରୀ ପ୍ରଣତି ଚିହିଁକି ଉଠିବା ଘଟଣା ରାସ୍ତା କାମରେ ଦୁର୍ନୀତି ହୋଇଥିବା ସନ୍ଦେହକୁ ଦୃଢ଼ୀଭୂତ କରୁଛି। ଅନୁଗୋଳ ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ତାଳଚେର ସଦର, ୯ ।୭ (ସମିସ):** ତାଳଚେର ବ୍ଲକ୍ ଗୁରୁଜାଙ୍ଗ ଗ୍ରାମ ପଞ୍ଚାୟତ ଶିରିଗିଡ଼ା ଗ୍ରାମର ବାଇଧର ଦାସଙ୍କ ପୁଅ ଜିତୁ ଦାସଙ୍କ ସାପ କାମୁଡ଼ାରେ ଅକାଳ ମୃତ୍ୟୁ ହୋଇଛି। ଗତକଲି ରାତିରେ ଜିତୁ ଅସୁସ୍ଥ ହୋଇଥିଲେ। ତେବେ ରାତିରେ ତାଙ୍କ ଘରୁ ଏକ ଚିତି ସାପ ମଧ ବାହାରିଥିଲା, ସାପ କାମୁଡ଼ିଥିବା ସଂଦେହରେ ପ୍ରଥମେ ଜିତୁଙ୍କୁ ତାଳଚେର ମଣ୍ଡାପାଳ ହସ୍ପିଟାଲଙ୍କୁ ନିଆଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ତେବେ ଆଜି ଭୋରରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଅପର ପକ୍ଷରେ ଜିତୁ ଜଣେ ଟେଲର ଦୋକାନୀ ଥିଲେ। ଗୋଡ଼ିବନ୍ଧରେ ତାଙ୍କର ଟେଲର ଦୋକାନ ଥିବାରୁ ତାଙ୍କ ମୃତ୍ୟୁରେ ଆଜି ଗୋଡ଼ିବନ୍ଧ ଦୋକାନୀମାନେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଶୋକସଭା ସଭା କରି ଦୋକାନ ବନ୍ଦ ରଖିଥିଲେ।

■ ଜନଶୁଣାଣି କାର୍ଯ୍ୟକ୍ରମ

# ୨୦୯ ଅଭିଯୋଗର ହେଲା ଶୁଣାଣି

**ଅନୁଗୋଳ, ୯ ।୭ (ସମିସ) :** ଆଜି ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୨୦୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ଓ ୦୭ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୦୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତକୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ବେଉରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ଛେଣ୍ଡିପଦା ତହସିଲଦାର ମାନସ ରାଏଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ସହକାରୀ ଜିଲ୍ଲାପାଳ ଶ୍ରୀ ପ୍ରତାପ ହରି ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭାବାରିକଙ୍କ ସାମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



■ ଦୋଷ ଘୋଡ଼ାଇବାକୁ ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗର ପ୍ରୟାସ

# ଜଳ ଅପଚୟ ଅଭିଯୋଗ ପରେ ଖୋଲା ଟ୍ୟାପ୍‌ରେ ଲାଗିଲା ମିଟର



ଅନୁଗୋଳ, ୯ ।୭ (ସମିସ): ଅନୁଗୋଳ ସହରର ହାକିମପଡ଼ା ଅଞ୍ଚଳରେ ଏକ ଖୋଲା ଟ୍ୟାପରେ ଜଳ ଅପବ୍ୟବହାର ହେଉଥିବା ନେଇ ଖବର ପ୍ରକାଶନ ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଛି। ସେହି ଖୋଲା ଟ୍ୟାପରେ ମିଟର ଲଗାଇ ନିଜ ଦୋଷ ଦୁର୍ବଳତା ଘୋଡ଼ାଇବାକୁ ପ୍ରୟାସ କରିଛି ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ। ଏଥିସହ ଉକ୍ତ ଖୋଲା ଟ୍ୟାପ୍ ଜଣେ ହିତାଧିକାରୀଙ୍କ ନାମରେ ରହିଛି ବୋଲି ମଧ ଜଣାପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ମିଟର ପାଣି ପାଇପ୍ ରେ ସଂଯୋଗ ନ କରି ଟ୍ୟାପରେ ଲଗାଇ ଦେଇଛନ୍ତି। ହିତାଧିକାରୀ ନାମରେ ଥାଇ ହିତାଧିକାରୀଙ୍କ ଘରକୁ ସଂଯୋଗ ନ ଦେଇ ସର୍ବସାଧାରଣ ସ୍ଥାନରେ ପୁଣି ଖୋଲା ଟ୍ୟାପର ସୁବନ୍ଦୋବସ୍ତ କରିଦେଇଛନ୍ତି। ଏହି ଖୋଲା ଟ୍ୟାପରୁ ଜଳ ଅପବ୍ୟବହାର ହେବା ସହିତ ହିତାଧିକାରୀଙ୍କ ଘରକୁ ସଠିକ୍ ଭାବେ ପାଣି ଯାଉନି ବୋଲି ଅଭିଯୋଗ ହେଉଥିଲେ ମଧ ଜନସ୍ୱାସ୍ଥ୍ୟ ବିଭାଗ ସେହି ଖୋଲା ଟ୍ୟାପ୍ ନେଇଥିବା ହିତାଧିକାରୀଙ୍କୁ ଅନୁକମ୍ପା ଦେଖାଇବା ଚିନ୍ତାଜନକ ଲାଗୁଛି। ତେବେ ଏଭଳି କରିବା ପଛର କାରଣ କ'ଣ , ତାହା ବୁଝା ପଡୁନାହିଁ। ହିତାଧିକାରୀଙ୍କ ଘରକୁ ସଂଯୋଗ ନ ଦେଇ ସର୍ବସାଧାରଣ ସ୍ଥାନରେ ଟ୍ୟାପ୍ ଲଗାଇ ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ ସରକାରଙ୍କ ନିୟମକୁ ଖୁଲମ୍ ଖୁଲା ଉଲ୍ଲଂଘନ କରି ରାଜସ୍ୱ ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି।

# ରୋଟାରୀ ପବ୍ଲିକ ସ୍କୁଲରେ ବନ ମହୋତ୍ସବ

**ଅନୁଗୋଳ, ୯ ।୭ (ସମିସ):** ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଗଛ ଲଗେଇବା ସହ ଗଛର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସେହିପରି ବିଦ୍ୟାଳୟ ତରଫରୁ ପ୍ରୋତ୍ସାହିତ କରାଯାଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଇଚ ୱାନ ପ୍ଲାଣ୍ଟ ୱାନ ' କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଏବଂ ବିଦ୍ୟାଳୟ ତରଫରୁ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଚାରାଟିଏ ପ୍ରଦାନ କରାଯିବା କାର୍ଯ୍ୟକ୍ରମକୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଠାରୁ ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରୋଟାରୀଆନ ନିର୍ମଳ କୁମାର ମିଶ୍ର, ରୋଟାରୀ କ୍ଲବର ସଭାପତି ରୋଟାରୀଆନ ସରୋଜ କୁମାର ସାହୁ, ସମ୍ପାଦକ ରୋଟାରୀଆନ ସଇଲେନ୍ ମିଶ୍ର ଏବଂ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ରୋଟାରୀଆନ ନିଖିଲ ରଞ୍ଜନ ମିଶ୍ର ଅନ୍ୟ ଅତିଥି ଭାବରେ ଯୋଗଦେଇଥିଲା। ସପ୍ତାହ ବ୍ୟାପୀ ବିଭିନ୍ନ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଗଛ ଲଗେଇବା ସହ ତା'ର ଯତ୍ନ ନେବା ପାଇଁ ଉତ୍ସାହିତ କରାଯିବ ଓ ଛାତ୍ର ଛାତ୍ରୀମାନଙ୍କୁ ଚାରାବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଜଣାଇଛନ୍ତି। ବିଦ୍ୟାଳୟ ତରଫରୁ ଦୁଷ୍ୟନ୍ତ ନାଥ, ମନୋଜ ମିଶ୍ର, ଚନ୍ଦନ ସାହୁ, ସତ୍ୟବାନ୍ ବେହେରା, ସ୍ମୃତିରେଖା ପାତ୍ର, ପରମାନନ୍ଦ ସାହୁ, ସ୍ମିତା ରାଣୀ ମିଶ୍ର, ଡଲଫିନ ସାହୁ, ଶୁଭ ଲକ୍ଷ୍ମୀ ନାୟକ, ତପସ୍ୱିନୀ ଦାଶ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବା ବେଳେ ଛାତ୍ରୀ ବିସ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟ ତରଫରୁ ଶିକ୍ଷୟିତ୍ରୀ ଶ୍ୱେତା ସିମ୍ରନ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଚାରାରୋପଣ କାର୍ଯ୍ୟକ୍ରମ



**ଅନୁଗୋଳ, ୯ ।୭ (ସମିସ):** ସାମାଜିକ ସଂଗଠନ 'ସ୍ପନ୍ଦନ' ଅନୁଗୋଳ ଏବଂ ନାରୀଶକ୍ତି ସଂଗଠନ ନାଲକୋ ନଗର ତରଫରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ବଳରାମପ୍ରସାଦ ପଞ୍ଚାୟତ ଅଧୀନସ୍ଥ ଲକ୍ଷ୍ମଣପୁର ଗ୍ରାମର ଖେଳପଡିଆ ସଂଲଗ୍ନରେ ଅନୁଷ୍ଠିତ ହୋଇଯାଇଛି। 'ଗୋଟିଏ ଗଛ ମା' ନାମରେ' ଏବଂ 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ଏହି ବିଷୟବସ୍ତୁ ସମ୍ବନ୍ଧରେ ନାରୀଶକ୍ତୀର ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ଏବଂ ଅନ୍ୟାନ୍ୟ ସହକର୍ମୀମାନେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଲକ୍ଷ୍ମଣପୁର୍ ଗ୍ରାମର ଦିଲ୍ଲୀପ ସାହୁ, ସଲୁ ସାହୁ, ବିଜନ ସାହୁ, ସଂଗ୍ରାମ ସାହୁ, ଲିପୁନ ସାହୁ, ସତ୍ୟପାର୍ଥ ସାହୁ, ଦୀପକ ଷଣ୍ଢ, ସଞ୍ଜୟ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଜାମୁ, ବଉଳ, ଅଶୋକ, ନିମ, ବେଲ, ଶାଗୁଆନ, ନାଗଚମ୍ପା ଇତ୍ୟାଦି ୪୭ଟି ଚାରା ରୋପଣ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ବିଭୁ ପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ଆନୁକୂଲ୍ୟରେ ବନମହୋତ୍ସବ

ତାଳଚେର ସଦର, ୯ ।୭ (ସମିସ): ଡିଏଭି ହାୟର ସେକେଣ୍ଡାରୀ ସ୍କୁଲ ଇକୋ କ୍ଲବ ଏବଂ ଯୁବ ରେଡକ୍ରସ ତରଫରୁ ତାଳଚେରର ଅଙ୍ଗାରୁଆ ମା 'ଦକ୍ଷିଣକାଳୀ ମନ୍ଦିର ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମନ୍ଦିର କମିଟିର ସଭାପତି ସୁଧାଂଶୁ ଶେଖର ବଳ, ସଂପାଦକ ଯତୀନ୍ଦ୍ର ଜେନା, ଉପଦେଷ୍ଟା ଓ ସମାଜସେବୀ ଆଇନଜୀବୀ ଚଗଲା ବିଶ୍ୱାଳ, ଉପଦେଷ୍ଟା ଡମ୍ବରୁଧର ଦାସ ଆଦି ଯୋଗ ଦେଇଥିଲେ। ଏଥିରେ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଅଧ୍ୟକ୍ଷତା କରି ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କାଉନସେଲର ଗିରିଜା ଶଙ୍କର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ମୁଖ୍ୟ ଉପଦେଷ୍ଟା ସଂଘମିତ୍ରା ମିଶ୍ର ଓ କସ୍ତୁରିକା ମହାନ୍ତି ବୃକ୍ଷର ଉପକାରିତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମଚାରୀବୃନ୍ଦ, ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅନ୍ୟ କର୍ମଚାରୀମାନେ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସ ଏବଂ ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ସହାୟତାରେ କରାଯାଇଥିଲା। ଏଥିରେ ଡିଏଭି ହାୟର ସେକେଣ୍ଡାରୀର କର୍ମଚାରୀ ସୁକାନ୍ତ ଭୋଳ ଓ ରତ୍ନାକର ମହାପାତ୍ର ସହଯୋଗ କରିଥିଲେ।



# ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ରାସ୍ତାରେ ପାଣି

ଆଠମଲ୍ଲିକ ୯ ।୭ (ସମିସ)



ଗତ କିଛିଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ନୂତନ ପାଇପ ପକାଯାଇ ଉପୋଭୋକ୍ତାଙ୍କୁ ନୂତନ ସଂଯୋଗ ଦିଆଯାଉଥିବା ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସହରବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ରଥଯାତ୍ରା ହେବାକୁ ଥିବା ବଡ଼ ଦାଣ୍ଡରେ କରିଥିବା କଂକ୍ରିଟ କାମ ସମ୍ପୂର୍ଣ୍ଣ ଭାବରେ ସଫା ନକରି କଂକ୍ରିଟ ଟାଣ ହୋଇ ରହିଥିବାରୁ ଯାତାୟାତରେ ସାଧାରଣ ଲୋକ ଅସୁବିଧା ଭୋଗ କରୁଛନ୍ତି। ସେହିପରି ଭାବରେ ରଥସାହି ନିକଟସ୍ଥ ଷ୍ଟେଟ ବ୍ୟାଙ୍କ ନିକଟରେ କୌଣସି କାରଣରୁ ଜଳଯୋଗାଣର ପାଣି ରାସ୍ତାରେ ପ୍ରବାହିତ ହୋଇ ବନ୍ୟା ପାଣିର ଭ୍ରମ ସୃଷ୍ଟି କରୁଛି। ଉକ୍ତ ପାଣି ଯୋଗୁଁ ମଙ୍ଗଳବାର ଷ୍ଟେଟ ବ୍ୟାଙ୍କକୁ ମହିଳା ଉପଭୋକ୍ତା ଦୟନୀୟ ଅବସ୍ଥାରେ ବ୍ୟାଙ୍କ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଦୀର୍ଘଦିନ ହେଲା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁଗୋଳକୁ ଡେପୁଟେସନରେ ଯାଇଥିବା ବେଳେ ଆଠମଲ୍ଲିକରେ ବାଘ ନଥିଲେ ମିରିଗ ନାଟ ଭଳି ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟକ୍ରମ ଚାଲିଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତିରେ ଠିକାଦାର ମନମୁଖୀ କାର୍ଯ୍ୟ ଚଳାଇଥିବା ଦେଖିବାକୁ ମିଳୁଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱ ଦେଇ ଆଠମଲ୍ଲିକରେ ଅତିଶୀଘ୍ର ନୂତନ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦେବା ସହିତ ଠିକାଦାରଙ୍କ କାମର ମାନକୁ ନିରୀକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଗୋଟିଏ ପକ୍ଷରେ ପାନୀୟ ଜଳ ନପାଇ ସହରବାସୀ ଅସନ୍ତୋଷ ଥିଲା ବେଳେ ଅନ୍ୟ ପକ୍ଷରେ ବିଭାଗୀୟ ଅବହେଳା ଯୋଗୁଁ ରାସ୍ତାରେ ପାଣି ପ୍ରବାହିତ ହେଉଥିବାରୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ବନ ମହୋତ୍ସବ



**ବଁଅରପାଳ, ୯ ।୭ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଟାଟା ଷ୍ଟିଲ ଆନୁକୂଲ୍ୟରେ ଶିକ୍ଷାନୁଷ୍ଠାନର ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ କମ୍ପାନୀର ଲୋକସମ୍ପର୍କ ଅଧିକାରୀ ସୁନୀଲ କୁମାର ସାହୁ ଓ ଶିକ୍ଷାନୁଷ୍ଠାନର ସମ୍ପାଦକ ଅଖିଳ କୁମାର ମହାପାତ୍ର ଯୋଗଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଟାଟା ଷ୍ଟିଲର ଲୋକସମ୍ପର୍କ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରତ୍ୟେକ ବର୍ଷ ଏହି ଋତୁରେ କମ୍ପାନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କାର୍ଯ୍ୟକ୍ରମରେ ବଁଅରପାଳ ଦୈନିକ ଖବର କାଗଜ ସମାଜର ପ୍ରତିନିଧି ସଞ୍ଜୟ କୁମାର ବିଶୋଇ, ସୃଷ୍ଟି ନ୍ୟୁଜର ରୁଦ୍ର ମୋହନ ସାହୁ, ଏ - ୧ ନ୍ୟୁଜର ଲଲାଟେନ୍ଦୁ ନାଏକ, ଜାଗ୍ରତ ଭାରତ ନ୍ୟୁଜର ସୁଶାନ୍ତ କୁମାର ସାମଲ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଚାରାରୋପଣରେ ସହଯୋଗ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା'ଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

ସକାଳ THE SAKALA



### ଜଙ୍ଗଲ ଜମିରେ ହୋଟେଲ ନିର୍ମାଣ ଘଟଣା

# ରାଜସ୍ୱ ଓ ବନ ବିଭାଗର ମିଳିତ ତଦନ୍ତ; ମାପଚୁପ ଆରମ୍ଭ



**ରାଜନଗର, ୯।୭ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ ପାଲଟିଛି। ଭିତରକନିକାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ଓ ଖାଇବା ପାଇଁ ଜାତୀୟ ଉଦ୍ୟାନ ଭିତରେ ବନବିଭାଗର ରିସର୍ଟ ଓ କାଫେ ଥିବା ବେଳେ ବାହାରେ ହୋମଷ୍ଟେ ଓ ହୋଟେଲ ଗଢିଉଠିଛି। ଜଙ୍ଗଲ ଜମିରେ ହୋଟେଲ ନିର୍ମାଣକୁ ନେଇ ଅଭିଯୋଗ ପରେ ଆଜି ଘଟଣାର ତଦନ୍ତ କରାଯାଇଛି। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଏସିଏଫ ମାନସ କୁମାର ଦାସ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନାଙ୍କ ସହିତ ପୁଲିସ ଫୋର୍ସ ଉପସ୍ଥିତିରେ ତଦନ୍ତ ସହିତ ମାପଚୁପ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ଗେଟ ନିକଟରୁ ବ୍ୟାଙ୍କ ଛକ ଯାଏଁ ସମସ୍ତ ବେଆଇନ ଜବରଦଖଲ ସମ୍ପର୍କରେ ତଦନ୍ତ କରାଯାଇଛି। ଗଢି ଉଠିଥିବା ୬ଟି ହୋଟେଲ ସମ୍ପର୍କରେ ତଦନ୍ତ କରାଯିବା ସହ ମାପଚୁପ କରାଯାଇଛି। ହୋଟେଲ ସତ୍ୟପ୍ରିୟ, ହୋଟେଲ ରେଡକ୍ରାବ, ହୋଟେଲ ଭିତରକନିକା, କନିକା ସୁନ୍ଦରୀ ରିସର୍ଟ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା ତଦନ୍ତକାରୀ ଟିମ୍‌ର ତଦନ୍ତ ବେଳେ ସ୍ପଷ୍ଟ ହୋଇଛି। ଏହାବାଦେ ମ୍ୟାନଗ୍ରୁଭପିଟା ହୋମ ଷ୍ଟେର ଗୋଟିଏ ବିଲ୍ଡିଂ ସମ୍ପୂର୍ଣ୍ଣ ଭାବେ ସରକାରୀ ଜମିରେ ନିର୍ମାଣ ହୋଇଛି। ଏହି ୫ଟି ହୋଟେଲ ସମ୍ପୂର୍ଣ୍ଣ ଭାବେ ସରକାରୀ ଓ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବାରୁ ତାର ମାପଚୁପ ଆବଶ୍ୟକତା ପଡିନଥିଲା। ଭିତରକନିକା ମ୍ୟାନଗ୍ରୁଭ ହୋମ ଷ୍ଟେର ସମସ୍ତ ବିଲ୍ଡିଂ ନିଜସ୍ୱ ପଟ୍ଟା ଜମିରେ ନିର୍ମାଣ ହୋଇଥିବା ବେଳେ ହୋଟେଲ ପଛରେ ଥିବା ଜଳାଶୟ ଓ ପାର୍କର କିଛି ଅଂଶ ସରକାରୀ ଓ ଜଙ୍ଗଲ ଜମିରେ ଥିବା ମାପଚୁପ ବେଳେ ଜଣାପଡିଛି। ଏ ସମ୍ପର୍କରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ବାଙ୍କୁଆଳ ମୌଜାରେ ଥିବା ସମସ୍ତ ଜବରଦଖଲ ସମ୍ପର୍କରେ ରାଜସ୍ୱ ଓ ବନବିଭାଗ ମିଳିତ ତଦନ୍ତ କରିଛନ୍ତି। ଏହି ଅଞ୍ଚଳରେ ଥିବା ୬ଟି ହୋଟେଲ ମଧ୍ୟରୁ ୫ଟି ହୋଟେଲ ଜଙ୍ଗଲ ଜମିରେ ନିର୍ମାଣ ହୋଇଛି। ହୋଟେଲ ସ୍ୱାଦର ବିଲ୍ଡିଂ ସୂର୍ଯ୍ୟ ନାରାୟଣ ଲେଙ୍କାଙ୍କ ସ୍ଥିତିବାନ ସତ୍ୱ ଉପରେ ନିର୍ମାଣ ହୋଇଥିବା ବେଳେ ପୋଖରୀ ଓ ପାର୍କର କିଛି ଅଂଶ ଜଙ୍ଗଲ ଜମିରେ ରହିଛି ବୋଲି କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ଯୋଗଦେବାକୁ ଗୁପ୍ତି ଆସିଥିବା ବେଳେ ଭିତରକନିକାରେ ଗଢି ଉଠିଥିବା ଓ ଅଭିଯୋଗ ହୋଇଥିବା ସମସ୍ତ ହୋଟେଲ ସମ୍ପର୍କରେ ତଦନ୍ତ ହେବ ଏବଂ ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କଲାପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କରିଛନ୍ତି।

### ● ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା

## ମଣ୍ଡପଡ଼ା ସ୍କୁଲ ଛାତ୍ରଛାତ୍ରୀଙ୍କ ପଦକ ଲାଭ



**ପଟ୍ଟାମୁଣ୍ଡାଇ, ୯।୭ (ସମିସ):** ଇସ୍ପାତନଗରୀ ରାଉରକେଲାରେ ୩୦ ତମ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଗଠନ ସହ ଆତ୍ମରକ୍ଷାର ବିଭିନ୍ନ କୌଶଳ ଓ ମାର୍ଶାଲ ଆର୍ଟ ଭଳି ବିଭିନ୍ନ କୌଶଳରେ ପରିପୂର୍ଣ୍ଣ "ଉଷୁ'ଖେଳର ଚାହିଦା ସମ୍ପ୍ରତି ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡା ଗାଁ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ କୋଚ ସୁଶୀଲ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଯୁକ୍ତ କୋଚିଂ ପ୍ରଦାନ କରାଯାଇ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ମଣ୍ଡପଡା ଗାଁ ସ୍କୁଲର ଛାତ୍ରଛାତ୍ରୀ ସାଇରାଜ ପ୍ରଧାନ,ସଂକେତ ଭୂୟାଁ,ଆଦର୍ଶ ପ୍ରଧାନ, ଶୁଭସ୍ମିତା ପ୍ରଧାନ ଓ ଅନୁଷ୍କା ପ୍ରଧାନ ସ୍ୱର୍ଣ୍ଣ ପଦକ ଲାଭ କରି ଗାଁର ଗୌରବ ବୃଦ୍ଧି କରିଥିବା ବେଳେ ପ୍ରାର୍ଥନା ପ୍ରଧାନ ରୌପ୍ୟ ପଦକ ଲାଭ କରି ଅଞ୍ଚଳର ସୁନାମ ବୃଦ୍ଧି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଉଷୁ ସଂଘ ସଭାପତି ଯୁବ ସମାଜସେବୀ ସଂଗ୍ରାମ ସାମଲ, ଉପସଭାପତି ଅବିନାଶ ପ୍ରଧାନ, ସାଧାରଣ ସମ୍ପାଦିକା ପଲ୍ଲବୀ ସାମଲଙ୍କ ପ୍ରୋତ୍ସାହନ ତଥା ଦିଗଦର୍ଶନ ଯୋଗୁଁ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ରେ ସଫଳତା ପାଇଥିବାରୁ ସମଗ୍ର ଅଞ୍ଚଳ ସମେତ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘର ସହାୟତା

**ମହାକାଳପଡ଼ା, ୯।୭ (ସମିସ):** ମହାକାଳପଡ଼ା ବ୍ଲକ ଜମ୍ବୁସ୍ଥିତ ଗଙ୍ଗାମାତା ମତ୍ସ୍ୟଜୀବୀ ଓ ବୋଟ ମାଲିକ ସଂଘ ପକ୍ଷରୁ ସଂଘର ସଦସ୍ୟଙ୍କ ଏକାଦଶାହରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।ଜମ୍ବୁ ଗ୍ରାମର ମତ୍ସ୍ୟଜୀବୀ ତଥା ଦିବଙ୍ଗତ ସମାଜସେବୀ ସ୍ୱର୍ଗତ ଗଣେଷ ଜେନା ଙ୍କର ହୃଦଘାତରେ ପରଲୋକ ଘଟିଥିଲା।ସୋମବାର ତାଙ୍କ ଏକାଦଶାହ ରେ ଗଙ୍ଗମାତା ମତ୍ସ୍ୟଜୀବୀ ଓ ବୋଟ ମାଲିକ ସଂଘର କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ପହଞ୍ଚି ସ୍ମୃତିଚାରଣ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଙ୍ଘ ସଭାପତି- ଶକ୍ତି ମିର୍ଧା, ସମ୍ପାଦକ-ବିମଳ ପ୍ରସାଦ ମଣ୍ଡଳ ଉପସଭାପତି-ଭିମ ଓଝା, ପଳାସ ମଜୁମଦାର,ଅରୁଣ ନାଟୁଆ,ନିରଞ୍ଜନ ମଣ୍ଡଳ, ସୁଶାନ୍ତ ମଣ୍ଡଳ ଏବଂ ବୋଟ ମାଲିକ ସଂଘର ଅନେକ ସଦସ୍ୟ ମାନେ ଉପସ୍ଥିତ ଥିଲେ।

### ■ ଉତ୍କଳମଣି ଓ ଉତ୍କଳ ଗୌରବଙ୍କୁ 'ଭାରତ ରତ୍ନ' ଦାବି

## ଜନଶକ୍ତି ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ

**ଡେରାବିଶ, ୯।୭ (ସମିସ):** ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କୁ ମରଣୋତ୍ତର ଭାବେ 'ଭାରତ ରତ୍ନ' ପ୍ରଦାନ କରିବା ନିମନ୍ତେ ଜନଶକ୍ତି ପାର୍ଟି ତରଫରୁ ଭାରତର ରାଷ୍ଟ୍ରପତିଙ୍କୁ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ପାର୍ଟିର ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଆଜି ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ପହଞ୍ଚି ଅଞ୍ଚଳର ଜ୍ଞାନୀଗୁଣି ବ୍ୟକ୍ତିଙ୍କ ଠାରୁ ଦସ୍ତଖତ ସଂଗ୍ରହ କରିଥିବା ଦେଖାଯାଇଥିଲା। ତାଙ୍କ ସହିତ ପାର୍ଟିର ସମ୍ପାଦକ ଇଂ ସମରେନ୍ଦ୍ର ଜେନା, ରଞ୍ଜନ ଜେନା, କୃଷକ ନେତା ବସନ୍ତ ପଲାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାବୁଲି ପଣ୍ଡା, ସେବାଦଳ ପ୍ରମୁଖ ଅଶୋକ ରାଉତ, ଦଳିତ ସମ୍ପାଦକ ନାରାୟଣ ମଲିକ, ସଂଖ୍ୟାଲଘୁ ରାଜ୍ୟ ମୁଖ୍ୟ ଶେଖ ଅମିରୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ଏହି କାର୍ଯ୍ୟକ୍ରମ ଜୁଲାଇ ୬ ତାରିଖରୁ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉଭୟ ଉତ୍କଳମଣି ଓ ଉତ୍କଳ ଗୌରବଙ୍କ ଉଦ୍ୟମ, ତ୍ୟାଗ ଓ ନିଷ୍ଠାକୁ ଓଡ଼ିଆ ଜାତି ଚିରଦିନ ମନେ ରଖିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ।

## ନୂତନ ଡିଲର ନିଯୁକ୍ତି ପାଇଁ ଦାବି

**ରାଜନଗର, ୯।୭ (ସମିସ):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ସନ୍ଥପଡା ଗ୍ରାମର ଡିଲର ବାନାମ୍ବର ନାୟକ ମଇ ମାସରୁ ମୃତ୍ୟୁବରଣ କରିବା ପରେ ରାସନ ସାମଗ୍ରୀ ଯୋଗାଣ ପାଇଁ ଗୋବିନ୍ଦପୁରର ବୁଢୀ ଜାଗୁଳାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଠିକ୍ ସମୟରେ ରାସନ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇବା କଥା। କିନ୍ତୁ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ରାସନ ସାମଗ୍ରୀ ସେମାନଙ୍କ ପାଖରୁ ନେବା ପାଇଁ କହୁଛନ୍ତି। ସନ୍ଥପଡା ଗ୍ରାମବାସୀ ୧ କିମି ଦୂରରେ ଥିବା ଗୋବିନ୍ଦପୁରରୁ ଆସି ସମ୍ଭବ ହେଉନାହିଁ। ତେଣୁ ସନ୍ଥପଡା ଗ୍ରାମରେ ମା'ସିଦ୍ଧେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଡିଲର ଦାୟିତ୍ୱ ଦେବା ପାଇଁ ପ୍ରଭାବତୀ ଜେନା, ଦିପ୍ତୀମୟୀ ରାଉତ, ମିନାକ୍ଷୀ ରାଉତ, ପୁଷ୍ପଲତା ମାହୁନ୍ତ, ଦ୍ରୌପଦୀ ମାହୁନ୍ତ, ରୁକ୍ମଣୀ ସିଂହ, ତରୁଲତା ଜେନା, ଆଶାଲତା ପାତ୍ର, ବାବାଜୀ ଚରଣ ପାତ୍ର, ସବିତା ଦାସ, ପ୍ରେମଲତା ଦାସ, ମାମାଲି ନାୟକ ପ୍ରମୁଖ ଶତାଧିକ ହିତାଧିକାରୀ ରାଜନଗର ବିଡିଓ ନିଶାନ ମିଶ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

### କେନ୍ଦ୍ରାପଡ଼ା କଲେଜରୁ ଚୋରି ଘଟଣା

# ଦ୍ୱିତୀୟ ଦିନରେ ପୁରାତନ ଛାତ୍ରଙ୍କ ଧାରଣା ଜାରି




**କେନ୍ଦ୍ରାପଡା, ୯।୭ (ସମିସ):** କେନ୍ଦ୍ରାପଡ଼ା କଲେଜରେ କେବଳ ଆସବାବପତ୍ର ଚୋରି ନୁହେଁ ବରଂ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମସ୍ତ ଅଭିଯୋଗର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ପୁରାତନ ଛାତ୍ରମାନେ ଟାଉନ ଥାନା ସମ୍ମୁଖରେ ଦ୍ୱିତୀୟ ଦିନରେ ମଧ୍ୟ ଧାରଣା ଜାରି ରଖିଛନ୍ତି। କଲେଜରୁ ଏସି, ଲାପଟପ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ନେଇ ଦାବି ହୋଇଛି। ଏ ନେଇ ପୁଲିସର ନିଷ୍କ୍ରିୟତା ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଧାରଣାରତ ପୁରାତନ ଛାତ୍ରମାନେ କହିଛନ୍ତି। ଘଟଣା ଅନୁଯାୟୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏକ ନୂତନ ଏସି ଚୋରି ହୋଇଥିବା ସମ୍ପର୍କରେ କଲେଜ ଅଧ୍ୟକ୍ଷ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସେହି ଅଭିଯୋଗକୁ ଭିତ୍ତିକରି ତଦନ୍ତ କରି ପପୁ ନାମକ ଜଣେ ଇଲେକ୍ଟ୍ରିସିଆନକୁ ଗିରଫ କରି ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ନୂଆ ଏସି ସମେତ ୩ଟି ଏସି ଜବତ କରିଥିଲା ବୋଲି ସୂଚନା ମିଳିଛି। ଏସି ଚୋରି କରିଥିବା ଇଲେକ୍ଟ୍ରିସିଆନ୍‌ର ବୟାନକୁ ଭିତ୍ତିକରି କଲେଜର କେତେଜଣ ଷ୍ଟାଫଙ୍କୁ ଥାନାରେ ରବିବାର ରାତି ସାଢେ ଗୋଟାଏ ପର୍ଯ୍ୟନ୍ତ ଅଟକ ରଖି ଛାଡିଦେଲା। ଏହି ଘଟଣାର ପ୍ରତିବାଦରେ କଲେଜର ପୁରାତନ ଛାତ୍ରମାନେ ସୋମବାର ଟାଉନ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେହି ଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। କଲେଜରୁ ଚୋରି ଘଟଣାର ମାଷ୍ଟରମାଇଣ୍ଡଙ୍କୁ ପୁଲିସ ଛାଡିଦେବା ଘଟଣାକୁ ପୁରାତନ ଛାତ୍ରମାନେ ଗୁରୁତର ସହକାରେ ନେଇ ଏହି ଧାରଣା ଦେଇଛନ୍ତି। ଏହି ଚୋରି ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବା ସହିତ ଘଟଣାର କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ଦାବିରେ କଲେଜର ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ପ୍ରତାପ ମହାନ୍ତି, ଭାଗିରଥୀ ଜେନା, ନିରଞ୍ଜନ ପରିଡା, ଅମରବର ବିଶ୍ୱାଳ, ମାନସ ଆଚାର୍ଯ୍ୟ, ବସନ୍ତ ସେଠୀ ପ୍ରମୁଖ ପୁରାତନ ଛାତ୍ରମାନେ ଦ୍ୱିତୀୟ ଦିନରେ ଟାଉନ ଥାନା ସମ୍ମୁଖରେ ଧାରଣାରେ ବସିରହିଥିଲେ। ଟାଉନ ଥାନା ଅଧିକାରୀ ଧାରଣାରତ ପୁରାତନ ଛାତ୍ରଙ୍କୁ ଡାକି ତାଙ୍କ ଚାମ୍ବରରେ କିଛି ସମୟ ଆଲୋଚନା କରିଥିଲେବି ତାହା ଫଳପ୍ରଦ ହୋଇନଥିଲା। ଅପରପକ୍ଷରେ ଏସି ଚୋରି ଘଟଣାରେ ପୁଲିସ ସୋମବାର ଗିରଫ କରି ଜେଲ ପଠାଇଥିବା ଦୁଇ ଅଭିଯୁକ୍ତଙ୍କୁ ଆଜି ଜାମିନ ମିଳିଯିବା ଘଟଣାକୁ ପୁରାତନ ଛାତ୍ରମାନେ ଗୁରୁତର ସହକାରେ ନେଇ ଧାରଣାକୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି।

### ପଟ୍ଟାମୁଣ୍ଡାଇ ବ୍ଲକରେ ମିଳିତ ଜନଶୁଣାଣି ଶିବିର

# ୧୧୧ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



**ପଟ୍ଟାମୁଣ୍ଡାଇ, ୯ ।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଶୁଭ୍ରାଂଶୁ ସାହୁ, ସହକାରୀ ଜିଲ୍ଲାପାଳ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ।ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକଠାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି କହିଥିଲେ। ଏହାଛଡା ଏହି ଛକରେ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବସକୁ ଯାତ୍ରୀମାନେ ଅପେକ୍ଷା କରୁଛନ୍ତି ଓ ଏଣୁ ଟ୍ରାଫିକ ସମସ୍ୟା ଦୂର ପାଇଁ ଟ୍ରାଫିକ ପୁଲିସ ବ୍ୟବସ୍ଥା ସହ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବ୍ଲକ ଅଧକ୍ଷ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ।ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପଛ ରାସ୍ତା ବର୍ଷକ ବାରମାସ ପାଣି ଜମି ରହିବା ଡ୍ରେନେଜ ବ୍ୟବସ୍ଥା ଭୁଶୁଡି ପଡିଥିବାରୁ ଜନସାଧାରଣ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବାରୁ ତୁରନ୍ତ ପ୍ରତିକାର ପାଇଁ ଉପେନ୍ଦ୍ର ନାୟକ ଓ ସମୀର ପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରି ଦାବୀପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ଉପାନ୍ତ ସିଂହଗାଁ ପଞ୍ଚାୟତର ରାଉଳିଆ ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମିତି ସଭ୍ୟ ଅଭୟ ସ୍ୱାଇଁ ଦାବି କରିଥିଲେ। ନୀଳକଣ୍ଠପୁର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟୀ ନୀଳକଣ୍ଠପୁର ଓ କେଶପୁର ପଞ୍ଚାୟତ ଚାଷୀ ଓ ଜନସାଧାରଣଙ୍କ ସୁବିଧା ପାଇଁ ନୀଳକଣ୍ଠପୁର ଠାରୁ କଦଳୀ ବଣ ଓ ଗୋବିନ୍ଦପୁର କେନାଲ ଅଞ୍ଚଳରେ ଡ୍ରେନେଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଓ ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକଠାରେ ଦୁର୍ଘଟଣା ରୋକିବା ପାଇଁ ହମ୍ପସ ନିର୍ମାଣ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଦାବି କରିଥିଲେ। ବାଲିପାଟଣା ପଞ୍ଚାୟତରେ ରାସ୍ତା ଉପରେ ନିର୍ମାଣ କରାଯାଇଥିବା ବିଦ୍ୟୁତ ଟ୍ରାନ୍ସଫର ହଟାଇବା ପାଇଁ ପୂର୍ବତନ ସରପଞ୍ଚ କିଶୋର ଜେନା ଦାବି କରିଥିଲେ। ଓଖଡିଅଣ୍ଟା ପଞ୍ଚାୟତ ଚାଷୀମାନେ କଲଭର୍ଟ ଓ ଡ୍ରେନ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଜନଶୁଣାଣୀ ଶିବିରରେ ଆଗତ ୧୧୧ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯଇଥିଲା। ଏଥିରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅଶୋକ ସାମଲ,ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଇଂ ଜଳଧର ବେହେରା,ସି ଡି ଏମ ଓ ଅନିତା ପଟ୍ଟନାୟକ,ଡିଇଓ ପ୍ରଦୀପ ନାଗ,ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ ପ୍ରଧାନୀ,ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସ୍ମୃତି ରଞ୍ଜନ ରଥ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ,ଜନସ୍ୱାସ୍ଥ୍ୟ ସହସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସି ଏସ ଓ ଶ୍ରୀନିବାସ ସାହୁ, ଡି ଏସ ଓ ଲୋକନାଥ ପାଣିଗ୍ରାହୀ, ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି,ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି,ମତ୍ସ୍ୟ ଅଧିକାରୀ ପ୍ରକାଶ ମହାରଣା,ପଶୁସମ୍ପଦ ଅଧିକାରୀ ପ୍ରଦୀପ ପରିଡା, କୃଷି ଅଧିକାରୀ ଶରତ ନାୟକ ଓ ଏ ବିଇଓ ଚନ୍ଦ୍ରଶେଖର ତ୍ରିପାଠୀ ପ୍ରମୁଖ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରକୁ ମୁଖ୍ୟ କିରାଣୀ ମାନସ ନନ୍ଦ ଓ ପ୍ରିୟରଞ୍ଜନ ସାମଲ ପରିଚାଳନା କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଚାରା ବଣ୍ଟନ



**ପଟ୍ଟାମୁଣ୍ଡାଇ, ୯।୭ (ସମିସ):** ରାଜ୍ୟ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପତିତପାବନ ମନ୍ଦିର ସମ୍ମୁଖରେ ଜଳଛତ୍ର ଜରିଆରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇଛି। ଏଥିସହିତ ପରିବେଶ ସୁରକ୍ଷା ବାର୍ତ୍ତା ଦେବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଚାରା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜନଗର ବିଜେପି ନେତା ଲଳିତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବିରେନ୍ଦ୍ର ସାମଲ, କେନ୍ଦ୍ରାପଡ଼ା ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ସନ୍ତୋଷ ଲେଙ୍କା, ଅଜିତ୍ ମଲିକ୍, ପ୍ରଭୁଦତ୍ତ ଦାଶ, ଚନ୍ଦ୍ରଭାନୁ ମଲିକ୍, ଶୁଭକାନ୍ତ ନାୟକ, ସାନିତ୍ୟ ଓଝା, ପ୍ରଣବ ମହାନ୍ତି, ବିଶ୍ୱମ୍ବର ମଲ୍ଲିକ, ପ୍ରକାଶ ମଲ୍ଲିକ, ଚିନ୍ମୟ ମଲ୍ଲିକ , ରାହୁଲ ମଲ୍ଲିକ, ଭୋଲାନାଥ ମଲ୍ଲିକ, ଗୌରବ ନନ୍ଦୀ, ସରୋଜକାନ୍ତ ସେଠୀ ପ୍ରମୁଖ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ କାର୍ଯ୍ୟକର୍ତ୍ତା ଓ ସକ୍ରିୟ ସଦସ୍ୟ ଯୋଗ ଦେଇ ଭକ୍ତମାନଙ୍କୁ ଜଳଦାନ ଓ ଚାରା ବଣ୍ଟନ କରିଥିଲେ।

# ଓଳାଭର କଲେଜ ପରିଚାଳନା କମିଟି ଗଠନରେ ବିଳମ୍ବ ନେଇ ଅସନ୍ତୋଷ

**ଓଳାଭର, ୯।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପୁରୁଣା ତଥା ଡିଗ୍ରୀ ମହାବିଦ୍ୟାଳୟ ଓଳାଭର କଲେଜରେ ସାତ ମାସ ତଳୁ ପରିଚାଳନା କମିଟି ସଭାପତି ନିଯୁକ୍ତି ସରିଥିଲେ ବି ଏଯାବତ୍ କମିଟି ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ନ ହେବା କାରଣରୁ ସ୍ଥାନୀୟ କଲେଜର ପୁରାତନ ଛାତ୍ର ସଂସଦ,ଅଭିଭାବକ ତଥା ବୁଦ୍ଧିଜୀବୀମାନେ ଏଥିନେଇ ସନ୍ଦେହ ପ୍ରକାଶ କରିଛନ୍ତି।କଲେଜର ସୁସ୍ଥ ପରିଚାଳନା ଗୁଣାତ୍ମକ ଶିକ୍ଷା ଓ ଭିତ୍ତି ଭୂମି ବିକାଶରେ ପରିଚାଳନା କମିଟିର ବହୁ ଗୁରୁତ୍ୱ ରହିଥିଲେ ବି ଏହାକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହେଉଛି।ସୂଚନା ଅନୁସାରେ ପରିଚାଳନା କମିଟି ପ୍ରାୟତଃ ରାଜ୍ୟର ଓ ଜିଲ୍ଲାର ସବୁ ଶିକ୍ଷା ଅନୁଷ୍ଠାନରେ ପୂର୍ଣ୍ଣାଙ୍ଗ କମିଟି ଗଠନ ହୋଇଥିଲେ ବି ଓଳାଭର କଲେଜରେ ଏହାର ବ୍ୟତିକ୍ରମ ଦେଖା ଦେଇଛି।ଏମିତିକି ଗତବର୍ଷ ଡ଼ିସେମ୍ବର ୧୯ ତାରିଖରୁ କମିଟି ସଭାପତି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁବାଷ ଚନ୍ଦ୍ର ମଲ୍ଲଙ୍କୁ ଚୟନ କରାଯିବା ସତ୍ତ୍ୱେ ବି ଏଯାବତ୍ ଭାରପ୍ରାପ୍ତ ଅଧ୍ୟକ୍ଷ ହଳଧର ବେହେରା କିନ୍ତୁ ପୂର୍ଣ୍ଣାଙ୍ଗ କମିଟି କାର୍ଯ୍ୟକ୍ଷମ କରିବାରେ ଟାଳଟୁଳ ନୀତି ଆପଣେଇ ଏଯାବତ୍ ନିରବ ରହିଛନ୍ତି।ଫଳରେ କମିଟି ଅଧାପନ୍ତରିଆ ଭାବେ ପଡି ରହିଥିବାରୁ କଲେଜ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛି।ନିୟମ ଦୃଷ୍ଟିରୁ ସଭାପତି ନିଯୁକ୍ତି ପରେ ପରେ ଆବଶ୍ୟକ ସଦସ୍ୟଙ୍କୁ ନେଇ କମିଟି କାର୍ଯ୍ୟକ୍ଷମ ହେବା କଥା।ହେଲେ ଅଧ୍ୟକ୍ଷ କିନ୍ତୁ ତାହା ନ କରି ନିଜକୁ ସୁହାଇଲା ଭଳି ସଦସ୍ୟଙ୍କୁ ଥଇଥାନ କରିବାର ମସୁଧା କରୁଥିବାରୁ ଏଭଳି ବିଳମ୍ବ ହେଉ ଥିବାର ସାଧାରଣରେ ଚର୍ଚ୍ଚା ମଧ୍ୟ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସଭାପତି ଭାବେ ଚୟନ ହୋଇଥିବା ଶ୍ରୀମଲ୍ଲ କିନ୍ତୁ ବିଳମ୍ବଜନିତ କାରଣ ପାଇଁ ଅଧ୍ୟକ୍ଷଙ୍କୁ ବାରମ୍ବାର ଚିଠି ଲେଖି ସାରି

> ● ୭ ମାସ ହେବ ସଭାପତି ନିଯୁକ୍ତି ସରିଛି
> ● ପ୍ରୟାସ କରୁନାହାନ୍ତି ଅଧ୍ୟକ୍ଷ

ଥିଲେ ବି ଅଧ୍ୟକ୍ଷ ଏହାକୁ କର୍ଣ୍ଣପାତ କରୁନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏମିତିକି ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଏହା ଉପରେ ହସ୍ତକ୍ଷେପ କରିବାକୁ ମଧ୍ୟ ସଭାପତି ଚିଠି ଲେଖିଲା ପରେ ବି ଅଧ୍ୟକ୍ଷ ନିରବ ରହିବା ସନ୍ଦେହ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଏହି ପୁରୁଣା ଅନୁଷ୍ଠାନ ବିଭିନ୍ନ କାରଣ କୁ ନେଇ ବହୁ ବିବାଦ ରେ ଛନ୍ଦି ହେଇଛି। ଏ ସମ୍ପର୍କରେ ବହୁବାର ନିୟମିତ ଭାବେ ଗଣମାଧ୍ୟମରେ ବି ଚର୍ଚ୍ଚା ହୋଇଛି। ହେଲେ ମଧ୍ୟ ଅଧ୍ୟକ୍ଷ ନିଦାବିଷ୍ଟୁ ସାଜିବାକୁ ନେଇ ପ୍ରଶ୍ନ ଉଠିଛି।ଏହା ଦ୍ୱାରା ପୁରାତନ ଏହି ଗରିମାମୟ ଅନୁଷ୍ଠାନ ର ବିକାଶ ବଦଳରେ ବିନାଶ ହେଉଥିବାର ସାଧାରଣ ରେ ଚର୍ଚ୍ଚା ହେଉଛି।ଆହୁରି ମଧ୍ୟ ଚକିତ କଲାଭଳି କଥା ହେଉଛି ବିଭିନ୍ନ କଲେଜ ମାନଙ୍କରେ ନାକ୍ ଟିମ୍ ପରିଦର୍ଶନ ପାଇଁ ପୁରାତନ ଛାତ୍ର ପରିଷଦ ଗଠନ ଏବଂ ପୁନର୍ଗଠନ ହୋଇ ବହୁ ସମୟରେ ଆଲୋଚନା, ପର୍ଯ୍ୟାଲୋଚନା ହେଉଥିଲେ ମଧ୍ୟ ଓଳାଭର କଲେଜରେ ନାକ୍ ଟିମ୍ ଆସିବା ପାଇଁ କୌଣସି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ପାଲଟିଛି। ବିଶ୍ୱସ୍ତ ସୁତ୍ରରୁ ଜଣା ପଡ଼ିଛି ଯେ କିଛି ପୂର୍ବତନ ଛାତ୍ର ଏକାଠି ହୋଇ ଏହି ସବୁ ସମସ୍ୟା ର ସ୍ଥାୟୀ ସମାଧାନ ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲ ରେ ନାମ ପଞ୍ଜିକରଣ କରିଛନ୍ତି।ଏ ସମ୍ପର୍କରେ ସଭାପତି ସୁବାଷ ମଲ୍ଲଙ୍କୁ ପଚାରିବାରୁ ଅଧ୍ୟକ୍ଷଙ୍କୁ ପାଞ୍ଚଥର ଏ ବିଷୟରେ ଚିଠି ଲେଖିଲା ପରେ ବି ଅଧ୍ୟକ୍ଷ ତାଙ୍କୁ ସହଯୋଗ କରୁ ନ ଥିବାର ଅଭିଯୋଗ କରିଥିଲେ।ସେଇଭଳି ଅଧ୍ୟକ୍ଷ ହଳଧର ବେହେରାଙ୍କୁ ପଚାରିବାରୁ ଚିରାଚରିତ ଢ଼ଙ୍ଗରେ କଲେଜ ଆସନ୍ତୁ କଥା ହେବା ବୋଲି କହି ପ୍ରଶ୍ନକୁ ଏଡାଇ ଯାଇଥିଲେ।

www.sakalaepaper.com

## ଆମ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଅଧପନ୍ତରିଆ

# ୧୨ରେ ଢେଙ୍କାନାଳ ସହର ବନ୍ଦ ନିଷ୍ପତ୍ତି

ଢେଙ୍କାନାଳ, ୯।୭ (ସମିସ)

ସ୍ଥାନୀୟ ପୌରାଞ୍ଚଳରେ ରହିଥିବା ପୋଖରୀଗୁଡିକ ଆମ ପୋଖରୀ ଯୋଜନାରେ ପୁନରୁଦ୍ଧାର କାର୍ଯ୍ୟ ଅଧପନ୍ତରିଆ ହୋଇ ରହିବା ସହ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଚଳିତ ଗ୍ରୀଷ୍ମଋତୁରେ ପୌରାଞ୍ଚଳରେ ରାଜା ରାଜୁଡ଼ା ଅମଳରୁ ରହିଥିବା ୧୨ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିବା ଯୋଗୁ ସହରରେ ପାନୀୟ ଜଳ ସଙ୍କଟ ସହ ବିଭିନ୍ନ ସମସ୍ୟା ଦେଖାଯାଇଥିଲା। ଏନେଇ ବାରମ୍ବାର ପୋଖରୀ ସୁରକ୍ଷା ସମିତି ପକ୍ଷରୁ ପ୍ରଶାସନ ସହିତ ପୌର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏନେଇ ପୌର କର୍ତ୍ତୃପକ୍ଷ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଯୋଗୁ ସହରରେ ରହିଥିବା ବିଭିନ୍ନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଚଳିତ ବର୍ଷ ବର୍ଷାଋତୁରେ ଜଳ ସଂରକ୍ଷଣ କରିବାରେ ବାଧା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଭାଗିରଥୀ ସାଗର ସୁରକ୍ଷା କମିଟିର ଉପଦେଷ୍ଟା ଭରତ କୁମାର ଦାସ, ସଭାପତି ପଙ୍କଜ ନାୟକ, ସମ୍ପାଦକ ରୁଦ୍ରାନ୍ତ ଦଳେଇ,



ପୂର୍ବତନ କାଉନସିଲର ଜ୍ଞାନଚାନ୍ଦ ମିଶ୍ର, ପ୍ରସାନ୍ତ ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଓକିଲ ସଂଘର ସମ୍ପାଦକ ଟଙ୍କଧର ବେହେରା, ବଣିକ ସଂଘର ସଭାପତି ରାଜେନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ, ସରୋଜ ଶତପଥୀ, ବନିତା ମାନସିଂ, ପ୍ରଭାତୀ ମହାପାତ୍ର, ଉଦୟନାଥ ବେହେରା, ଅମ୍ବିକା ପ୍ରସାଦ ମିଶ୍ର, ଅଶୋକ ସ୍ୱାଇଁ, ରାକେଶ ସ୍ୱାଇଁ, ଅବିନାଶ ସାହୁ ଓ ଉଦୟନାଥ ବେହେରା ପ୍ରମୁଖ ଏକ ବୈଠକ ଆହୂତ କରିଥିଲେ। ଏହି ବୈଠକରେ ଆସନ୍ତା ୧୨ ତାରିଖ ଦିନ ଢେଙ୍କାନାଳ ସହର ବନ୍ଦ ଡାକରା ଦିଆଯିବା ସହିତ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ଥାନୀୟ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ରହିବ। ସ୍କୁଲ ଗାଡ଼ି ଓ ମେଡିକାଲ ସେବା ଆଦି ଗାଡ଼ି ଚଳାଚଳ କରିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୧୨ଟି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ତତ୍କାଳୀନ ସରକାର ୯କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହାର ଖର୍ଚ୍ଚ ସଠିକ ଭାବେ କରା ନଯାଇ ଏହି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି।

# ଅମାପ ସମ୍ପତ୍ତି ସତ୍ତ୍ୱେ ଉପାସରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର

ଢେଙ୍କାନାଳ, ୯।୭ (ସମିସ) : ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶୈବପୀଠ କପିଳାସର ଶ୍ରୀ ଚନ୍ଦ୍ରଶେଖର ଗତ ୨ ଦିନ ହେବ ଉପାସରେ ରହିଥିବା ବେଳେ ପ୍ରଶାସନର ହସ୍ତକ୍ଷେପ ଫଳରେ ବିଳମ୍ବରେ ଆଜି ନୀତିକାନ୍ତି କରାଯାଇଛି। ସୁଆରଙ୍କୁ ଉପଯୁକ୍ତ ଦରମା ନ ମିଳିବା ଓ ସେମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ମିଳିବା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିବା ଜଣାପଡ଼ିଛି। ହଜାର ହଜାର ଏକର ଜମି ରାଜରାଜୁଡ଼ା ଅମଳରୁ ବନ୍ଦୋବସ୍ତ କରାଯାଇଛି। ଏହି ଜମିରୁ ଉତ୍ପନ୍ନ ଶସ୍ୟ ଏବଂ ଖଜଣା ଦ୍ୱାରା ମଠ ମନ୍ଦିର ପରିଚାଳନା କରାଯିବା ସହିତ ପୂଜାବିଧି, ପର୍ବପର୍ବାଣୀ, ସେବାୟତମାନଙ୍କ ପାଉଣା, ସାଂସ୍କୃତିକ କାର୍ଯ୍ୟକ୍ରମ, ବାର୍ଷିକ ପୂଜୋତ୍ସବ ସହିତ ମନ୍ଦିରର ରକ୍ଷଣାବେକ୍ଷଣ ହୋଇଥାଏ। ଜଣାପଡ଼ିଛି ଯେ, କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ମୋଟ ଦେବୋତ୍ତର ଜମିରୁ ସଞ୍ଜାକୁ ୬୮୭ଏକର ୩୦ ଡେସିମିଲ, ଭାଗ ଚାଷ ପାଇଁ ୩୬ଏକର, କାଜୁବାଦାମ ଚାଷ ପାଇଁ ୧ ହଜାର ୨୧୦ ଏକର, ଆମ୍ବ ବଗିଚା ୧୯ଏକର, ପୋଖରୀ ୩.୫୧ ଏକର ଏବଂ ୨୪ ଏକର ୭୭୧ ଡେସିମିଲ ଜମିରେ ମଠ ମନ୍ଦିର ରହିଛି। ସେହିପରି ଜାଗିର ଜମି ଭାବରେ ୨୦୫.୫୪ ଏକର, ସେବକମାନେ ୭୫.୩୦ ଏକର ଜମି ବ୍ୟବହାର କରୁଛନ୍ତି। କପିଳାସ ପ୍ରାଣୀ ଉଦ୍ୟାନ ପାଇଁ ୨୮.୬୩ ଏକର ବ୍ୟବହାର କରାଯାଇଥିବା ବେଳେ ସାଇନ୍ସ ପାର୍କ ପାଇଁ ୪.୮୦ଏକର, ଜଙ୍ଗଲ ଜମି ଭାବରେ ୯୬୫.୭୮ଏକର, ରାସ୍ତା, ଦଣ୍ଡା ଓ ନାଳରେ ୮୭.୨୩୫ ଏକର, ଶ୍ମଶାନ ପାଇଁ ୧.୨୬୨ ଏକର, ଗୋଚର ଭାବରେ ୧୮.୮୨ ଏକର, ନଦୀରେ ୨୮୭.୩୧ ଏକର, ଘରବାଡ଼ି ଭାବରେ ୧୭୪.୭୦୩ ଏକର, ପରିଚାଳନା କମିଟି ଅଧୀନରେ ୭୭୪.୦୨ ଏକର, ବିକ୍ରି ହୋଇଛି ୪୪.୨୧୧ ଏକର, ଜମି ଅଧିଗ୍ରହଣକାରୀଙ୍କ ନିୟନ୍ତ୍ରଣରେ ୨୬୩.୯୩୭ ଏକର ଏବଂ ଜବରଦଖଲକାରୀଙ୍କ ନିୟନ୍ତ୍ରଣରେ ୪ ହଜାର ୩୦ ଏକର ଜମି ରହିଥିବା ଜଣାପଡ଼ିଛି। ଏଭଳି ମୋଟ ୯ ହଜାର ୨୯୧ ଏକର ଜମି ବିଭିନ୍ନ ସ୍ଥାନରେ ରହିଥବା ବେଳେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭାବରେ ଭିନ୍ନ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜମି ମାଫିଆ ଏବଂ ପଥର ମାଫିଆମାନେ କପିଳାସ ମନ୍ଦିର ଜମିରେ ବେଆଇନ ଭାବରେ ପଥର ଖଣି ଖୋଳି ସେଥିରୁ କୋଟି କୋଟି ଟଙ୍କା ଲାଭବାନ ହେଉଛନ୍ତି। ଏଥିପ୍ରତି ଦେବୋତ୍ତର ବିଭାଗ ସମ୍ପୂର୍ଣ୍ଣ ଭାବରେ ଆଖିବୁଜି ଦେଇଛି। ଏହା ସତ୍ତ୍ୱେ ସେବାୟତମାନଙ୍କ ମଜୁରି ବୃଦ୍ଧି ନକରି ଦିଅଁଙ୍କୁ ଉପବାସ ରଖିବା ନିନ୍ଦନୀୟ ବୋଲି ସାଧାରଣରେ ଆଲୋଚନା ହେଉଛି।

# ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ସାଂସଦ



ହିନ୍ଦୋଳ, ୯।୭ (ସମିସ): ହାତୀ ଆକ୍ରମଣରେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ହିନ୍ଦୋଳ ବନାଞ୍ଚଳରେ ୧୫୦ ରୁ ଅଧିକ ହାତୀଥିବା ବେଳେ ଦିନ ଦ୍ୱିପ୍ରହରରେ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ଦିନରେ ଘରୁ ଗୋଡ଼ କାଢ଼ିବାକୁ ଭୟ ଲାଗିଲାଣି। ହାତୀ ଆକ୍ରମଣରେ ମୃତ ବ୍ୟକ୍ତି ବିଶେଷମାନେ ପ୍ରାୟ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହେଉଥିବା ଦେଖାଯାଉଛି। ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରତି ପାରିବାରକୁ ପାଇଖାନା ମିଳିଥିବା ବେଳେ ତାହା ବ୍ୟବହାର ଉପଯୋଗୀ ନୁହେଁ। ୨୦୧୨ ମସିହାରୁ ପ୍ରତି ପାଇଖାନା ପାଇଁ ୧୨ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଚଞ୍ଚକଟା କରି ଏହି ଅର୍ଥ ରାଶି ଠିକାଦାର ଉଠାଇ ନେଇଥିବା କେତେକ ଅଭିଯୋଗ କରିଛନ୍ତି, ଯାହାକି ତଦନ୍ତ ସାପେକ୍ଷ। ପୂର୍ବରୁ ପାଇଖାନା ଥାଇ ମଧ୍ୟ ଏହି ଯୋଜନାର ଅର୍ଥ ରାଶି ଅଯୋଗ୍ୟ ହିତାଧୀକାରୀ ହାତେଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ଖାତାକୁ ପଇସା ଯାଇଥିବା ବେଳେ ବାଟ ମାରଣା ହୋଇଛି। ହାତୀ ଆକ୍ରମଣରେ ଗତ ୭ ତାରିଖ ରବିବାର ଦିନ ହିନ୍ଦୋଳ ବ୍ଲକ ଗିରିଧର ପ୍ରସାଦ ଗ୍ରାମର ସୌଭାଗିନୀ ପଟ୍ଟନାୟକ ଭୋରରୁ ଶୌଚ ହେବାକୁ ଘର ନିକଟକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇ ଜୀବନ ହରାଇଥିଲେ। ଉକ୍ତ ଖବର ପାଇ ଆଜି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଗିରିଧର ପ୍ରସାଦରେ ପହଞ୍ଚି ମୃତ ପାରିବାର ବର୍ଗଙ୍କୁ ଭେଟି ଶାନ୍ତ୍ୱନା ଦେବା ସହ ଏ ନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଓ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଜଣାଇ ଆଲୋଚନା କରିବା ସହ ତୁରନ୍ତ ମୃତକ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ସହ ପରିବାରର ଜଣେ ସଦସ୍ୟଙ୍କୁ ବନ ବିଭାଗରେ ନିଯୁକ୍ତି ଦେବା ପାଇଁ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏଥି ସହିତ ହିନ୍ଦୋଳ ବନାଞ୍ଚଳରେ ଆଗକୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ନ ହେବାକୁ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରାଯାଉ ଏବଂ ହାତୀ ଗମାନଗମନକୁ ଦୃଷ୍ଟିରେ ରଖି ଗ୍ରାମାଭିମୁଖି ନହେବାକୁ ଅଞ୍ଚଳରେ ତୁରନ୍ତ ସୋଲାର ତାର ଲଗାଇ ଧନ ଜୀବନ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ଆଲୋଚନା କରିଛନ୍ତି। ଏହି ଗ୍ରସ୍ତ ସମୟରେ ତାଙ୍କ ସହ ଜିଲ୍ଲା ସମ୍ପାଦକ ସୁଶାନ୍ତ ପତି, ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ, ହାତୁରା ମଣ୍ଡଳ ସଭାପତି ମନୋଜ ପଟ୍ଟନାୟକ, ସରପଞ୍ଚ ଦୁଷ୍ମନ୍ତ ନାଏକ, ପ୍ରଭାସ ବେହେରା, ଗିରିଶ ସେଠି, ସ୍ଥାନିୟ ସରପଞ୍ଚ ସେଠି ସୁମିତ୍ରା ସେଠି, ସାମ୍ବାଦିକ ସୁମନ୍ତ ଦେହୁରୀ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ସଞ୍ଜୟ ପାଳ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ସୁଜିତ ବାରିକ, ଶିବାନି ରାଉତ, ପ୍ରବେଶ ସାହୁ, ମନୋରଞ୍ଜନ ପାଳ, ମାନସ ମହାରଣା, ରଞ୍ଜନ ସାହୁ, ପ୍ରବୋଧ ପ୍ରଧାନ, ଶତ୍ରୁଘନ ମହାପାତ୍ର, ଟିଟୁ ସାହୁ, ସନ୍ତୋଷ ସାହୁ, ଅଶେଶ ନାୟକ, ନାରିନେତ୍ରୀ ସ୍ୱର୍ଣ୍ଣମଞ୍ଜରୀ ରାଉତ ଓ ପ୍ରମିଳା ରାଉତ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ■ ବିପଦସଙ୍କୁଳ ସାରଙ୍ଗଧର ସେତୁ

# ଭାଙ୍ଗିଲାଣି ସାଇଡ୍ ୱାଲ୍, ଉଠିଗଲାଣି ଲୁହା ବିମ୍

ଢେଙ୍କାନାଳ, ୯।୭ (ସମିସ)

ଢେଙ୍କାନାଳ ଓ କାମାକ୍ଷାନଗରକୁ ସଂଯୋଗ କରୁଥିବା ସାରଙ୍ଗଧର ସେତୁ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲର ସାଇଡ ୱାଲ ଭାଙ୍ଗିବା ସହିତ ପୋଲର ସ୍ୱାନକୁ ସଂଯୋଗ କରୁଥିବା ସ୍ଥାନରେ ଲୁହା ବିମ୍ ଉଠି ବିପଦ ସୃଷ୍ଟି କରୁଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଏହି ସେତୁର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଢେଙ୍କାନାଳ ଏବଂ କାମାକ୍ଷାନଗର ଉପଖଣ୍ଡର ଲାଇଫ ଲାଇନ ଭାବରେ ପରିଚିତ କମଗରା ବ୍ରିଜ୍ ବା ସାରଙ୍ଗଧର ସେତୁ ଲୋକଙ୍କ ପାଇଁ ବରଦାନ ପାଲଟିଥିଲା। କାମାକ୍ଷାନଗର ଏବଂ ଢେଙ୍କାନାଳକୁ କୌଣସି ସଂଯୋଗ

**● ରକ୍ଷଣାବେକ୍ଷଣ ଅଭାବ, ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ**

ବ୍ୟବସ୍ଥା ନଥିବା ବେଳେ ସରକାର କମଗରା ଠାରେ ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଏହି ପୋଲ ନିର୍ମାଣ କରିଥିଲେ। ଫଳରେ ଢେଙ୍କାନାଳ ସହରରୁ କାମାକ୍ଷାନଗର, ତାଳଚେର, ରାଉରକେଲା, କେନ୍ଦୁଝର, ସହିତ ଭୁବନ ଦେଇ ଯାଜପୁର, ଚଣ୍ଡିଖୋଲ ଭଳି ସ୍ଥାନକୁ ଯାତାୟାତ କରିବା ସହଜ ହୋଇଥିଲା। ଦୀର୍ଘ ୧ କିଲୋମିଟର ୩ ଶହ ମିଟର ବିଶିଷ୍ଟ ପୋଲ ଦେଇ ଦୈନିକ ୨୦ ହଜାରରୁ ଅଧିକ ଲୋକ ଯାତାୟାତ କରୁଥିବା ବେଳେ ଶତାଧିକ ବସ ଏହି ରାସ୍ତାଦେଇ ରାଉରକେଲା ସହିତ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି।




ସେହିପରି ଏହି ପୋଲ ଦେଇ ବିଭିନ୍ନ ଖଣିଜ ପଦାର୍ଥ ପରିବହନ ସହିତ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ଏବଂ କଟକ, ଭୁବନେଶ୍ୱର ସହିତ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସଂଯୋଗ କରୁଛି। ପୋଲର ବିଭିନ୍ନ ସ୍ଥାନରେ ଦୁଇଟି ସ୍ୱାନ ସଂଯୋଗ ସ୍ଥାନରେ ଥିବା ଲୁହା ବିମ ଉଠି ବାହାରକୁ ଦେଖାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଏହା ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିପରି ସଂଯୋଗ ସ୍ଥଳରେ ରାସ୍ତାକୁ ସମାନ କରା ନଯାଇ ରାସ୍ତାଠାରୁ ଅଧିକ ଉଚ୍ଚ ହମ୍ପସ ଭଳି ରହିଥିବାରୁ ଗାଡ଼ିଗୁଡିକ ଯାତାୟାତରେ ବାଧା ହେଉଛି। ପୋଲର ସାଇଡ ୱାଲ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ସେହିପରି ପୋଲର ତଳ ଏବଂ ସଂଯୋଗ ସ୍ଥାନରେ ବରଗଛ ଏବଂ ଓସ୍ତ ଗଛ ଉଠିଥିଲେ ମଧ୍ୟ ତାହାକୁ କଟାଯାଉନାହିଁ। ସବୁଠାରୁ ବଡ କଥା ହେଉଛି ସାଇଡ ୱାଲ ବା ରାସ୍ତାର ଦୁଇ ପାର୍ଶ୍ୱରେ ବାଲି ଜମା ହୋଇ ବିପଦ ସୃଷ୍ଟି କରୁଥିଲେ ମଧ୍ୟ ତାହା ସଫା କରାଯାଉନାହିଁ। ଗତ କିଛି ମାସ ତଳେ ପୋଲର ମରାମତି ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇ ସମସ୍ତ ଯାନବାହନ ଗୁଡିକ ସଦରବ୍ଲକ ଦେଇ ଯାତାୟତ କରୁଥିଲା। ଏଭଳି ପରସ୍ଥିତିରେ ସାରଙ୍ଗଧର ସେତୁର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମାକ୍ଷାନଗର ଉପଖଣ୍ଡରେ ଥିବା କଙ୍କଡାହାଡ, ଭୁବନ ଏବଂ ପରଜଙ୍ଗ ବ୍ଲକର ଜନସାଧାରଣଙ୍କ ସହିତ ଢେଙ୍କାନାଳ ଜିଲ୍ଲାର ଲୋକମାନେ ଏହା ଉପରେ ନିର୍ଭର କରୁଥିବା ବେଳେ ଏହାର ତୁରନ୍ତ ମରାମତି ପାଇଁ ଦାବୀ ହୋଇଛି।

# ମା’ ତାରିଣୀଙ୍କ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ, ୯।୭ (ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ ସ୍ଥିତ ମା’ ତାରିଣୀଙ୍କ ପୀଠରେ ବିପଦତାରେଣୀ ବ୍ରତ ଥିବାରୁ ମା’ ତାରିଣୀଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ଫୁଲ ହାରରେ ସୁସଜ୍ଜିତ କରାଯାଇଥିଲା। ବିଭିନ୍ନ ଭୋଗରାଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ସମୟରେ ପଣା, ସନ୍ଧ୍ୟା ଆଳତି, ରାତ୍ରରେ ପହଡ଼ ପଡ଼ିବ।

# ଜନଅଭିଯୋଗ ଶୁଣାଣି ଶିବିର

ଢେଙ୍କାନାଳ, ୯।୭ (ସମିସ) : ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୨୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୧୯ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୬ଟି ଗ୍ରାମ ସମ୍ପର୍କିତ, ୪ଟି ମୁଖ୍ୟମନ୍ତ୍ରୀଙ୍କ ରିଲଫି ପାଣ୍ଠିରୁ ସହାୟତା ପ୍ରଦାନ, ୨ଟି ରେଡକ୍ରସରୁ ସହାୟତା ପ୍ରଦାନ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗ ଗୁଡିକ ମଧ୍ୟରୁ ୨୭ଟି ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡିକୁ ବିଭିନ୍ନ ବିଭାଗକୁ ପଠାଇ ଦିଆଯାଇଛି। ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲଫି ପାଣ୍ଠିରୁ ୩୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାର ଜଣାପଡ଼ିଛି।

# ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ପାଳିତ

ଢେଙ୍କାନାଳ, ୯।୭ (ସମିସ): ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ନିକଟସ୍ଥ କଙ୍କା ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ନୂତନ ମନ୍ଦିରର ରତ୍ନମୂଦ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ପ୍ରେମାନନ୍ଦ ମହାମାନ ସିଂହ ଓ କର୍ତ୍ତୀ ପ୍ରମିଳା ମହାମାନ



ସିଂହ, ପୁରୋଧା ବିଭୂତି ମିଶ୍ର ଅଜୟ ପାଣିଙ୍କ ସମେତ ବାଇଁଶିଆ, କରମୂଳ, ଯୋରନ୍ଦା ପଞ୍ଚାୟତର ଅନେକ ଶ୍ରଦ୍ଧାଳୁ ଯୋଗଦାନ ଦେଇଥିଲେ। ସୋମବାର ସକାଳୁ ପୂଜା ମନ୍ତ୍ରପାଠ ସଙ୍କୀର୍ତ୍ତନ ଭଜନ ହୋଇସାରିବା ପରେ ଅପରାହ୍ନରେ ପୁରୋଧା କର୍ତ୍ତା କର୍ତ୍ତୀଙ୍କ ଉପସ୍ଥିତିରେ ମନ୍ଦିରର ମୁଖ୍ୟ କାରିଗର ଅରୁଣ ମହାରଣା ରତ୍ନମୂଦ କାର୍ଯ୍ୟ ସମାପନ କରିଥଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳର ଯୁବ ସମାଜସେବୀ ମହାଦେବ ପାତ୍ର ଓ ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଏମ୍ ଜେ ମହିମା ଭାଇ ଯୋଗଦାନ କରିଥିଲେ। ପରିଶେଷରେ ପ୍ରସାଦ ବିତରଣ କରାଯାଇଥିଲା।

# ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ପ୍ରତିଷ୍ଠା ଦିବସ

ଢେଙ୍କାନାଳ, ୯।୭ (ସମିସ): ଅଉଖମା ସ୍ଥିତ ହନୁମାନ ମନ୍ଦିର ପରିସରରେ ସ୍ୱର୍ଣ୍ଣତାରା ପୂଜ୍ୟ ପୂଜା ସଂସଦର ପ୍ରତିଷ୍ଠା ଦିବସ ଶିକ୍ଷାବିତ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ଆବାହିକା ଇଂ. ଦେବସ୍ମିତା ସାହୁ ଓ ମୁଖ୍ୟ ସଂଯୋଜିକା ସ୍ୱର୍ଣ୍ଣପ୍ରଭା ସାହୁ ଅନୁଷ୍ଠାନର ପ୍ରତିଷ୍ଠା, ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ମଧୁସୂଦନ ଶତପଥୀ ଓ ମୁଖ୍ୟ ବକ୍ତା ଭାବେ କବି ବାହାଦୂର ପାଟସାହାଣୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କ୍ଷୀରୋଦ ନାୟକ, କବି କାଳୀଚରଣ ତ୍ରିପାଠୀ, ପ୍ରଶାନ୍ତ ଧଳ ଓ ଗଙ୍ଗାଧର ଦାସ ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଅତିଥି ଆହ୍ୱାନ ଦେଇଥିଲେ।

# ସାହିତ୍ୟ ସୃଜନୀ ତାଲିମ ଶିବିର ଉଦ୍‌ଯାପିତ

ଢେଙ୍କାନାଳ ୯।୭ (ସମିସ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଓ ଓଡ଼ାପଡ଼ା ବ୍ଲକ ସମନ୍ୱୟରେ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆରମ୍ଭ ହୋଇଥିବା ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ‘ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଙ୍ଗଠନ‘ ପ୍ରଯୋଜିତ ଓ ‘ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ ଆନୁକୂଲ୍ୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଭାଷା ସାହିତ୍ୟ କ୍ଷେତ୍ରରେ



ବିକାଶ ପାଇଁ ‘ସାହିତ୍ୟ ସୃଜନୀ’ ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ହିନ୍ଦୋଳ ଶିକ୍ଷା ବ୍ଲକର ନୋଡାଲ ଅଫିସର ଅନାଦି ଚରଣ ନାଏକ ମୁଖ୍ୟ ଅତିଥି ରୂପେ ଓ ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭରେ ପ୍ରାର୍ଥନା ଓ ବନ୍ଦନା ପରେ ଶିକ୍ଷକ ନରୋତ୍ତମ ସେଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟର ସୁପରିଚାଳନା ପାଇଁ ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ତାଲିମର ଆବଶ୍ୟକତା ରହିଛି ବୋଲି ନୋଡାଲ୍ ଅଫିସର ଅନାଦି ଚରଣ ନାଏକ ନିଜର ମତ ରଖିଥିଲେ। ସେହିପରି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ମିଶ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟରେ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, କଂସରା, ହିନ୍ଦୋଳର ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ ମାଷ୍ଟର ଟ୍ରେନର ଭାବେ ଓ ଘଟିପିରି ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ାପଡ଼ାର ହିନ୍ଦୀ ଶିକ୍ଷକ ନବକିଶୋର ବେହେରା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତିନି ଦିନ ଧରି ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକର ମୋଟ ୭୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭାଷା ସାହିତ୍ୟର ବିକାଶ ପାଇଁ ଆସ୍ପିରେସନାଲ୍ କମ୍ପୋନେଣ୍ଟ୍ ପାଠ୍ୟକ୍ରମ ଆଧାରିତ ବିଭିନ୍ନ କ୍ରିୟାକଳାପ, ପରୀକ୍ଷା ଓ ସମୀକ୍ଷା ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ଦିବସରେ ଜିଲ୍ଲା ଏସ.ଆର.ଜି. ସଦସ୍ୟ ସତ୍ୟବ୍ରତ ପଣ୍ଡା ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୋଡ଼ାଲ ଅଫିସର ଅନାଦି ଚରଣ ନାଏକ ପ୍ରଶିକ୍ଷିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯାହା ତାଲିମ୍ ନେଲେ ସେମାନେ ନିଜ ନିଜ ବିଦ୍ୟାଳୟରେ କିପରି ଭଲ ଭାବରେ ଏ ସବୁର କ୍ରିୟାନ୍ୱୟନ କରିବେ ସେ ଦିଗରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ରୋଟାରୀ କ୍ଲବ୍ ତରଫରୁ ଚାରାରୋପଣ




ଢେଙ୍କାନାଳ, ୯।୭ (ସମିସ): ସ୍ଥାନୀୟ ଜୁବୁଲିଟାଉନସ୍ଥିତ ଡେପୁଟି କମିଶନରଙ୍କ ନୂତନ କାର୍ଯ୍ୟାଳୟ ପରିସର ଗେଙ୍ଗୁଟିଆସ୍ଥିତ ଆନନ୍ଦ ମାର୍ଗ ସ୍କୁଲ୍ ପରିସର ଏବଂ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୋଟାରୀ କ୍ଲବ୍ ତରଫରୁ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡିକ କ୍ଲବ୍ର ସଭାପତି ପ୍ରାଧ୍ୟାପକ ହରେକୃଷ୍ଣ କର, ପୂର୍ବତନ ମନ୍ତ୍ରୀ ତଥା ରୋଟାରୀଆନ୍ ସହ ସମ୍ପାଦକ ପ୍ରଦୋଷ ଶତପଥୀ, ଡାଇରେକ୍ଟର କମ୍ୟୁନିଟି ସର୍ଭିସ୍ ଜ୍ୟୋତି ରଞ୍ଜନ ରଥ, ରୋଟାରୀଆନ୍ ରାଜକିଶୋର ଦାସ, ଅଭିମନ୍ୟୁ ସାହୁ, ନିରଦାନନ୍ଦ, ରାଜ କିଶୋର ବେହେରା, ବିନୋଦ ଅଗ୍ରୱାଲା, ମହେଶ ଅଗ୍ରୱାଲା ଓ କୃଷ୍ଣଚନ୍ଦ୍ର ଦେବତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଟିଜିଏସ୍ଟି କାର୍ଯ୍ୟାଳୟର ସହକାରୀ କମିଶନର ସଞ୍ଜିବ ସାହୁ ଏବଂ ଶ୍ରୀପଦ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ସେହିପରି ଗେଙ୍ଗୁଟିଆସ୍ଥିତ ଆନନ୍ଦ ମାର୍ଗ ସ୍କୁଲ୍ର ଅଧ୍ୟକ୍ଷ ଶ୍ରୀ ମିଶ୍ର, ଉପାଧ୍ୟକ୍ଷ ଶ୍ରୀ ଠାକୁର, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. କବିତା ମହାନ୍ତି ତଥା କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ଅଂଶଗ୍ରହଣ କରିଥିଲେ।

## ଚାଷୀଙ୍କୁ ମିଳିଲା ନ୍ୟାୟ

# ଜମିରୁ ଚାରା ହଟାଇଲା ବନବିଭାଗ

ଭୁବନ ୯।୭ (ସମିସ)

ଭୁବନ ବନବିଭାଗର ମେରୀରାୟ ନୀତି ଯୋଗୁ ଜଣେ ଚାଷୀ ଗୋଟିଏ ବର୍ଷର ଧାନ ଫସଲ ଆୟରୁ ବଞ୍ଚିତ ହେବା ଘଟଣାକୁ ନେଇ ଅଭିଯୋଗ ହୋଇଥିବା ବେଳେ ବନକର୍ମଚାରୀ ଚାଷୀଙ୍କ ଗୁହାରିକୁ ଭ୍ରୂକ୍ଷେପ କରି ନଥିଲେ। ଫଳରେ ଚାଷୀ ଶନିବାର ଅପରାହ୍ନରେ ସ୍ଥାନୀୟ ତହସିଲଦାର ଶିରୀୟଲ ଶୁଭ୍ର ପଟେଲଙ୍କୁ ଲିଖିତ ଅଭିଯୋଗ କରିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସକାଳୁ ରେଞ୍ଜର ରାକେଶ ବେହେରା, ଫରେଷ୍ଟର କଳ୍ପନା ବେହେରା ଜମି ଚିହ୍ନଟ ପରେ ଲଗାଯାଇଥିବା ଚାରାଗୁଡ଼ିକୁ ସମ୍ପୃକ୍ତ ଚାଷୀଙ୍କ ଜମିରୁ ହଟାଇ ନେଇଛନ୍ତି। ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ଗଡ଼ଗହମପୁର ଗ୍ରାମର ସ୍ୱର୍ଗତ ଅଚ୍ୟୁତ ସିଂହଙ୍କ ବଡ଼ପୁଅ ଅକ୍ଷୟ କୁମାର ସିଂହ ତାଙ୍କ ବାପାଙ୍କ ନାମରେ ଥିବା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୨ ନଟାକଟା ମୌଜାର ଖାତା ନମ୍ବର ୪୧୯/୧୪୦, ପ୍ଲଟ ନମ୍ବର ୨୬୪୭/୩୬୦୭ର ୪ ଗୁଣ୍ଠ ଜମି ଓ ଅନ୍ୟ ଏକ ପ୍ଲଟର ଜମିରେ ଜୋର୍ ଜବରଦସ୍ତି ଶୁକ୍ରବାର ବନ ବିଭାଗ କର୍ମଚାରୀ ଚାରାଗଛ ଲଗାଇ ସହରାଞ୍ଚଳ ବନୀକରଣ କରାଯିବାକୁ ଯୋଜନା କରି ଚାରା ଲଗାଇ ଦେଇଛନ୍ତି। ରଜ ପୂର୍ବରୁ ଚାଷୀ ଅକ୍ଷୟ ନିଜ ଜମିରେ ଖରାଟିଆ ଚାଷ କରିବା ସହ ଖତ ଲଗାଇଥିଲେ। ବନବିଭାଗ ପକ୍ଷରୁ ଏହି ଜମିରେ ଗାତ ଖୋଳିବା ପରେ ଚାଷୀ ଅକ୍ଷୟ ବନପାଳ କଳ୍ପନା ବେହେରାଙ୍କୁ ସାକ୍ଷାତ କରି ଗଛ ନ ଲଗାଇବାକୁ ନେହୁରା ହୋଇଥିଲେ। ହେଲେ ନିର୍ଦ୍ଦୟ ସରକାରୀ ଚାକିରିଆ କଳ୍ପନା କିମ୍ବା ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା ରାକେଶ ଦଳେଇ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ। ବାଧହୋଇ ନ୍ୟାୟ ଆଶାରେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ ଅକ୍ଷୟ। ରେଙ୍ଗାଲି ବାମ ମୁଖ୍ୟ କେନାଲର ଭୁବନ ଶାଖା କେନାଲ ଅନ୍ତର୍ଗତ ଗଡ଼ଗହଁପୁର ମାଇନରରୁ ବାହାରିଥିବା ନଟାକଟା ସବମାଇନର ୧ ର ୩ ନମ୍ବର ସେଠାର ଜଣେ ପଞ୍ଜୀକୃତ ଚାଷୀ। ତାଙ୍କ ଜମିକୁ ଏହି କେନାଲ ଦ୍ୱାରା ଜଳସେଚନର ସୁବିଧା ମିଳୁଛି। ଜଳସେଚିତ ଜମିରେ ଧାନ ବଦଳରେ ଜଙ୍ଗଲୀ ବୃକ୍ଷରୋପଣ କରି ବନବିଭାଗ ଜଣେ ଚାଷୀର ଜୀବନ ମାରିବାକୁ ବସିଛନ୍ତି। ଏନେଇ ଚାଷୀ ଅକ୍ଷୟ ମା’ ସିଦ୍ଧ ରାମଚଣ୍ଡି ପାଣି ପଞ୍ଚାୟତର ସଭାପତି ନନ୍ଦକିଶୋର ସାହୁ ଓ ଭୁବନ କୃଷକ ସମାଜର ସଭାପତି ବାସୁଦେବ ଗୁରୁଙ୍କୁ ମଧ୍ୟ ଲିଖିତ ଭାବେ ଅଭିଯୋଗ କରିଥିଲେ। ତେବେ ତହସିଲଦାର ଶ୍ରୀରିୟଲ ଶୁଭ୍ର ପଟେଲଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ଚାଷୀଙ୍କୁ ନ୍ୟାୟ ମିଳିଲା। ଚାଷୀ ମୁହଁରେ ହସ ଫୁଟିଲା ବୋଲି ଭୁବନ କୃଷକ ସମାଜ ସଭାପତି ବାସୁଦେବ ଗୁରୁ କହିଛନ୍ତି।






## ଅଶୋକ ଧଳ ନଗର ଯୁବ ବିଜେଡି ସଭାପତି



**ପଟ୍ଟାମୁଣ୍ଡାଇ, ୯।୭ (ସମିସ):** ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଯୁବବିଜେଡି ସଂଗଠନକୁ ଅଧିକ ସଶକ୍ତ ଓ କ୍ରିୟାଶୀଳ କରିବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଯୁବବିଜେଡି ସଭାପତି ବିଧାୟକ ବ୍ୟାମୋକେଶ ରାୟଙ୍କ ଅନୁମୋଦନକ୍ରମେ ଯୁବବିଜେଡି ସାଧାରଣ ସମ୍ପାଦକ ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରଭାବଶାଳୀ ଟାଣୁଆ ଯୁବଛାତ୍ର ସଂଗଠକ ଅଶୋକ ଧଳଙ୍କୁ ପଟ୍ଟାମୁଣ୍ଡାଇ ନଗର ଯୁବବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଏଥି ପାଇଁ ଯୁବନେତା ଶ୍ରୀଧଳ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ଯୁବବିଜେଡି ସଭାପତି ବିଧାୟକ ବ୍ୟାମୋକେଶ ରାୟ, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଜିଲ୍ଲା ଯୁବବିଜେଡି ସଭାପତି ରାଜେଶ ଦାସ, ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଆଗାମୀଦିନରେ ପଟ୍ଟାମୁଣ୍ଡାଇର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯୁବବିଜେଡି ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବ ବୋଲି ନବ ନିଯୁକ୍ତ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ ପ୍ରକାଶ କରିଛନ୍ତି।

## ବଡ଼ପାଳ ଛକରେ ଆଣ୍ଠୁଏ ପାଣି; ବ୍ୟବସାୟୀ, ଗ୍ରାହକ ହନ୍ତସନ୍ତ



**କୁଜଙ୍ଗ, ୯।୭ (ସମିସ):** ରାସ୍ତା ଉଚ୍ଚା ହେଉଛି। ଗ୍ରାମର ଜଳ ନିଷ୍କାସନ ପଥକୁ ପୂର୍ବ ପରି ପ୍ରସ୍ତୁତ କରାଯାଉନାହିଁ। ଫଳରେ ବର୍ଷା ଦିନ ଆସୁ ଆସୁ କୁଜଙ୍ଗ ବ୍ଲକର ଅଗପାଳ ପଞ୍ଚାୟତର ବଡ଼ପାଳ ଛକରେ ପାଣି ଜମୁଛି। ଏହି ଛକ ଦେଇ ଯାତାୟାତ କରୁଥିବା ପଙ୍କପାଳ ପଞ୍ଚାୟତର ମନ୍ତ୍ରପାଟଣା ଗ୍ରାମ ସହ ବଡ଼ପାଳ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ବରିଷ୍ଠ ବ୍ୟବସାୟୀ ପ୍ରସନ୍ନ ସାହୁ, ବିଭୂତି ମହାପାତ୍ର, ସୁନାକର ପରିଡା, ବବୁଲ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ମହିଳା ବହୁ ସମସ୍ୟା ଭୋଗୁଥିବାବେଳେ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ଅସୁବିଧା ଭୋଗୁଥିବା ପଙ୍କପାଳର ନାଏବ ସରପଞ୍ଚ କାଦମ୍ବିନୀ ସାହୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

### ଗୋଚର ଓ ଶ୍ମଶାନ ଜମିରୁ ବେଆଇନ ମାଟି ଚାଲାଣ

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଗ୍ରାମବାସୀଙ୍କ ଅଭିଯୋଗ



**ଡେରାବିଶ, ୯।୭ (ସମିସ):** ଡେରାବିଶ ତହସିଲ ରତାଦିଆ ଖଣ୍ଡସାହି ରାଜସ୍ୱ ସର୍କଲ ଅଧୀନରେ ଥିବା ଅନୁଆପଡ଼ା ଗ୍ରାମର ଗୋଚର ଓ ଶ୍ମଶାନରୁ ବେଆଇନ ଭାବେ ମାଟି ଚାଲାଣ ହେଉଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ। ଏକ ଠିକା କାମରେ ରତାଦିଆ ଖଣ୍ଡସାହି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ କର ତହସିଲଦାରଙ୍କ ବିନା ଅନୁମତିରେ ଅନୁଆପଡ଼ା ଗ୍ରାମରେ ଥିବା ଗୋଚର ଓ ଶ୍ମଶାନ ଜମିରୁ ଜେସିବି ଲଗାଇ ମାଟି ଉଠାଉଥିଲେ। ଗ୍ରାମର କିଛି ବ୍ୟକ୍ତି ତାଙ୍କୁ ଏନେଇ ପଚାରିବାରୁ, ଗ୍ରାମର ଖେଳପଡ଼ିଆ ଉନ୍ନତି ପାଇଁ ଏହି ମାଟି ନେଉଛନ୍ତି ବୋଲି କହିଥିଲେ। ତେଣୁ ଏ ସମ୍ପର୍କରେ ତୁମ୍ଭେମାନେ କିଛି କରିପାରିବ ନାହିଁ ବୋଲି ମଧ୍ୟ ମନ୍ତବ୍ୟ ଦେଇଥିଲେ। ଅଭିଯୋଗକାରୀ ଲଲାଟେନ୍ଦୁ କେଶରୀ ଖୁଣ୍ଟିଆ, ନିର୍ମଳ ଭଦ୍ର, ପ୍ରଦୀପ୍ତ କୁମାର ଭଦ୍ର, ନିରଞ୍ଜନ ଯେନା, ପତିଆ ଯେନା, ମନୋରଞ୍ଜନ ଭଦ୍ର, ଶ୍ରୀଧର ଯେନା, ପ୍ରଫୁଲ୍ଲ ଯେନା ପ୍ରମୁଖ ଗ୍ରାମବାସୀ ଗ୍ରାମର ଖେଳପଡ଼ିଆ ଉନ୍ନତି ପାଇଁ ଏଷ୍ଟିମେଟ ମୁତାବକ ଅନ୍ୟସ୍ଥାନରୁ ମାଟି ଆଣି ପକାନ୍ତୁ। କିନ୍ତୁ ଗ୍ରାମର ଗୋଚର ଓ ଶ୍ମଶାନରେ ଏଭଳି ପୋଖରି ଖୋଳି ବେଆଇନ ଭାବେ ମାଟି ନନେବାକୁ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ଅବ୍ୟବସ୍ଥା ମଧ୍ୟରେ ବଜରାପୋଖରୀ ଅଙ୍ଗନବାଡ଼ି କେନ୍ଦ୍ର

# ମଠ କୂଅ ଭରସା; ନାହିଁ ବିଦ୍ୟୁତ୍ ସଂଯୋଗ



**ରାଜକନିକା, ୯।୭ (ସମିସ):** ରାଜକନିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅନ୍ତର୍ଗତ ଜାଗୁଲାଇପଡ଼ା ପଞ୍ଚାୟତ ବଜରାପୋଖରୀ ଅଙ୍ଗନବାଡ଼ି କେନ୍ଦ୍ର ଏବେ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଅଙ୍ଗନବାଡ଼ିରେ ପାଣି ବ୍ୟବସ୍ଥା ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କୁ ମଠ କୂଅ ଉପରେ ଭରସା କରିବାକୁ ପଡୁଥିବାବେଳେ ବିଦ୍ୟୁତ୍ ସଂଯୋଗ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ସରକାରଙ୍କ ପକ୍ଷରୁ କୁନି କୁନି ଶିଶୁଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି। ଭଲ ଚିତ୍ରିତ ଗୃହ, ବିଦ୍ୟୁତ ସଂଯୋଗ, ସ୍ୱଚ୍ଛ ପାଣି, ଶୌଚାଳୟ ସହିତ ପିଲାଙ୍କ ବୌଦ୍ଧିକ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଉପକରଣ ସଜେଇ ଦିଆଯାଇଛି। ଏଥିପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ପରିତାପର ବିଷୟ ବଜରାପୋଖରୀ ଅଙ୍ଗନବାଡ଼ି କେନ୍ଦ୍ର ଏଥିରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ଏଠାରେ ଖରା ଗରମରେ ଅତି ଦୟନୀୟ ଭାବେ କୁନି କୁନି ପିଲା ପଡୁଛନ୍ତି। ଚକିତ କଲାଭଳି କଥା ହେଉଛି ଅଙ୍ଗନବାଡ଼ି କେନ୍ଦ୍ରରେ ହୋଇଛି ବିଦ୍ୟୁତ ସଂଯୋଗ, ମିଟର ବି ବସିଛି। ଅଥଚ ନା ଅଛି ଫ୍ୟାନ ନା ଜଳୁଛି ବତୀ। ମିଟର ବସିଥିଲେ ବି ୱାରିଙ୍ଗ୍ ହୋଇ ନ ଥିବାରୁ ଦୀର୍ଘଦିନ ହେବ ଏଭଳି ଅବସ୍ଥା ହୋଇଛି। ପାନୀୟ ଜଳ ଭଳି ମୌଳିକ ପ୍ରସଙ୍ଗ ପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନ ଥିବାରୁ ପାଖରେ ଥିବା ମଠ କୂଅରୁ ପାଣି ଆସି ରୋଷେଇରେ ଲାଗୁଥିବାବେଳେ ମାଇଲ୍ ଦୂରରୁ ଏକ ନଳକୂଅରୁ ପାଣି ଆଣି ପିଲାଙ୍କୁ ଦିଆଯାଉଛି। ଫଳରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଏହାବ୍ୟତୀତ ଅଙ୍ଗନବାଡ଼ିରେ ଶୌଚାଳୟ ନ ଥିବାରୁ ତାହା ଏକ ସମସ୍ୟା ଭାବେ ଉଭା ହୋଇଛି। ବହୁ ଅଙ୍ଗନବାଡ଼ି କେନ୍ଦ୍ରର ପରିପାଟୀ ବଦଳି ଆଖିଦୃଶିଆ ହୋଇଥିବାବେଳେ ବଜରାପୋଖରୀ କେନ୍ଦ୍ର ସବୁଦିଗରୁ ବଞ୍ଚିତ ହେବା ବିଭାଗୀୟ ପାରିଲାପଣିଆକୁ ପଦାରେ ପକାଇଛି। ଏ ସମ୍ପର୍କରେ ବହୁବାର ଗ୍ରାମବାସୀ, ଅଭିଭାବକ ଅଭିଯୋଗ କରିବା ପରେ ସ୍ଥିତି ବଦଳୁ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଉଚ୍ଚାଧିକାରୀ ପଦକ୍ଷେପ ନେବାକୁ ଜଗନ୍ନାଥ ସାମଲ, ରଞ୍ଜନ ନାୟକ, ସତ୍ୟଦର୍ଶୀ ଦାସ, ପ୍ରମୋଦ ବାରିକ, ଦୀପକ ମଲ୍ଲିକ, ରଞ୍ଜନ ସାମଲ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ରାହାମା ମାଟିର ପୁଅ ଡଃ ଅଜୟ କୁମାର ଆମେରିକାରେ ସମ୍ମାନିତ



**କୁଜଙ୍ଗ, ୯।୭ (ସମିସ):** ଅନ୍ତଃରାଷ୍ଟ୍ରୀୟ ଖ୍ୟାତନାମା ବୈଜ୍ଞାନିକ ଓ ପ୍ରଯୁକ୍ତିବିତ୍ ଡଃ ଅଜୟ କୁମାର ମହାନ୍ତିଙ୍କୁ ଓଡ଼ିଶା ସୋସାଇଟି ଅଫ୍ ଆମେରିକା ତରଫରୁ ଏହାର ୫୫ତମ ସମାବର୍ତ୍ତନ ଉତ୍ସବରେ 'ପ୍ରଖ୍ୟାତ ଓଡ଼ିଆ ସମ୍ମାନ'ରେ ସମ୍ମାନିତ କରାଯାଇଅଛି। କୁଜଙ୍ଗ ବ୍ଲକ୍ ରାହାମା ହାଟ ନିବାସୀ ସ୍ୱର୍ଗତ ଦିବାକର ମହାନ୍ତି ଓ ପଦ୍ମାବତୀ ମହାନ୍ତିଙ୍କ ମଧ୍ୟମ ପୁତ୍ର ଡଃ ମହାନ୍ତି ଜଣେ ଉଦୀୟମାନ ଓ ମେଧାବୀ ଛାତ୍ର ଥିଲେ। ୧୯୭୬ ମସିହାରେ ଆମେରିକା ଯାଇ ସେଠାରେ ନାଗରିକତ୍ୱ ଗ୍ରହଣ କରିଥିଲେ। ପଦାର୍ଥ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନରେ ନିଜର ଉଚ୍ଚକୋଟୀର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରି ବିଶ୍ୱର ବିଭିନ୍ନ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟମାନଙ୍କରୁ ବିଭିନ୍ନ ସମ୍ମାନରେ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ନିଜର ବଳିଷ୍ଠ ଅବଦାନ ପାଇଁ ଭାରତ ସରକାରଙ୍କ ତରଫରୁ ୨୦୧୭ ମସିହାରେ ସମ୍ମାନଜନକ ପ୍ରେସିଡେନ୍ସିଆଲ ଆୱାର୍ଡ଼ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଠାରୁ ଗ୍ରହଣ କରିଥିଲେ। ପରେ ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ପ୍ରଯୁକ୍ତି ବିଦ୍ୟା ଓ ପ୍ରଚଳନର ବିକାଶ ପାଇଁ ଆନ୍ତର୍ଜାତୀୟ ଅନୁଷ୍ଠାନ ଆଇବିଏମ ଡେଭଲପମେଣ୍ଟ ସେଣ୍ଟର ତଥା ଡିଲଏଟ୍ ଭଳି ପ୍ରଖ୍ୟାତ ପ୍ରଯୁକ୍ତି ବିଦ୍ୟା ବା ଆଇଟି ଅନୁଷ୍ଠାନ ମାନଙ୍କୁ ରାଜ୍ୟରେ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀର୍ଘ ଚାରି ଦଶନ୍ଧି ଧରି ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଆମ ରାଜ୍ୟ ଓଡ଼ିଶାର ପ୍ରମୁଖ ବିଶ୍ୱବିଦ୍ୟାଳୟ ମାନଙ୍କରେ ବୈଷୟିକ ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଲାଇବ୍ରେରୀ ସାଇନ୍ସ ଓ ଉଚ୍ଚତମ ଗବେଷଣା କ୍ଷେତ୍ରରେ ଡଃ ମହାନ୍ତିଙ୍କ ଅବଦାନ ଅତୁଳନୀୟ। ତାଙ୍କର ଏହି କୃତିତ୍ୱ ପାଇଁ ଇଣ୍ଟେଲେକ୍‌ଚୁଆଲ ଫୋରମ୍ ରାହାମା ତରଫରୁ ଶ୍ରୀ ଅକ୍ଷୟ କୁମାର ସାହୁ, ଡଃ ସୁନାକର ବେହେରା, ରବିନାରାୟଣ ସାହୁ, ସନ୍ତୋଷ କୁମାର ସାହୁ, ଶରତ କୁମାର ସାହୁ, ବାବୁରାମ ସାହୁ, ରମେଶ ମହାପାତ୍ର, ବିଭୂତି ଭୂଷଣ ବେଉରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ମା'କୋଚିଲେଇ ମନ୍ଦିରର ରତ୍ନମୁଦ ସ୍ଥାପନ

**ବାଲିକୁଦା, ୯।୭ (ସମିସ):** ବାଲିକୁଦା ବ୍ଲକର ବହୁ ପ୍ରତିଷ୍ଠିତ ପୁରାତନ ଦେବୀ ମା କୋଚିଲେଇ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହିତ ପବିତ୍ର ରଥଯାତ୍ରା ଦିନ ରତ୍ନମୁଦ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ଅଧିନ ଅନନ୍ତପୁର ପଞ୍ଚାୟତ



ମାଳଗଡ଼ ଠାରେ କାହିଁ କେବେ ଠାରୁ ଅଧୁରା ରହିଥିବା ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ମାନଙ୍କ ତରଫରୁ ଉଦ୍ୟମ କରାଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପାରିନଥିଲା। କିଛି ସରକାରୀ ଅନୁଦାନ ମିଳିଥିଲେବି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିଲା।ତେବେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଠ ପଞ୍ଚାୟତ ତଥା ଚଉଦ ମଉଜାରୁ ସହଯୋଗ ମିଳିଥିଲେ ବି ସେହି ଗ୍ରାମର ଭାଗୀରଥୀ ସାହୁ ଓରଫ ବାଦଲ ନାମକ ଯୁବକ ପୂଜକ ହରିହର ପଣ୍ଡା ଙ୍କ ବଦାନ୍ୟତା ଯୋଗୁ ଆଜି ତାହା ଆଜି ସମ୍ପୂର୍ଣ୍ଣ ହେବା ସମ୍ଭବ ହେଉଛି।ଖାଲି ସେତିକି ନୁହେଁ ବାଦଲ ଲକ୍ଷାଧିକ ଟଙ୍କା ସହଯୋଗ କରିବା ସହିତ ପବିତ୍ର ରଥଯାତ୍ରା ଦିନ ରତ୍ନମୁଦ ସ୍ଥାପନ ପୂଜାବିଧି ଆୟୋଜନ କରାଇଥିଲେ। ଏଥିପାଇଁ ଗ୍ରାମବାସୀ ଓ ମା ମାନଙ୍କ ସହାୟତାରେ ସକାଳୁ ସକାଳୁ କଳସ ଯାତ୍ରା କରାଯାଇ ମା' ଙ୍କ ନିକଟରେ ରୀତିନୀତି ଅନୁସାରେ ସୂର୍ଯ୍ୟ ପୂଜା, ଯଜ୍ଞ ଆଦି କରଯାଇ ମନ୍ଦିର ମୁଣ୍ଡି ମରାଯାଇଥିଲା। ଶତାଧିକା ଶ୍ରଦ୍ଧାଳୁ ଧନରତ୍ନ ପ୍ରଦାନ କରିଥିଲେ। ଠିକ୍ ପ୍ରଭୁ ଜଗନ୍ନାଥ ରଥାରୁଢ଼ ସମୟରେ ମୁଦ ପଡିଥିଲା।

## ରଥଯାତ୍ରାରେ ଜେଏସ୍‌ଡବ୍ଲୁ ପକ୍ଷରୁ ଦହିପାଣି ବଣ୍ଟନ



**ପାରାଦୀପ, ୯।୭ (ସମିସ):** ଗଡକୁଜଙ୍ଗସ୍ଥିତ କୁଞ୍ଜବିହାରୀ ପୀଠରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଗତକାଲି ଅନୁଷ୍ଠିତ ହେଇଥିଲା। କିମ୍ବଦନ୍ତୀ ଅନୁସାରେ ଏଠାରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହେଇଥାଏ। ସେଥିପାଇଁ ଏହାକୁ ବାସି ରଥଯାତ୍ରା ବୋଲି କୁହାଯାଇଥାଏ।ଚଳିତ ବର୍ଷ ଭଲ ପାଗ ଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ରଥଯାତ୍ରାରେ ଯୋଗ ଦେଇଥିଲେ।ସୋମବାର ସକାଳୁ ମହାପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସମସ୍ତ ନିତୀକାନ୍ତି ଶେଷ ହେବା ପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବଡ ଦାଣ୍ଡରେ ଜଳସେବା ଶିବିରର ଆୟୋଜନ କରାଯାଇଥିଲା।ଏଥିରେ ଜେଏସଡବ୍ଲୁ ସ୍ଥାନୀୟ କାର୍ଯ୍ୟାଳୟର ସମସ୍ତ ଗ୍ରାମ୍ୟ ସଂଯୋଜକ ଏହି ଶିବିରରେ ଦହି ପାଣି ଓ ବିଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ। ପ୍ରଶାସନିକ ମୁଖ୍ୟ ଧନଞ୍ଜୟ କୁମାର ସିହ୍ନାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପ୍ରଭୁ ଶ୍ରୀ କୁଞ୍ଜ ବିହାରୀଙ୍କ ଦର୍ଶନ କରିବା ସହିତ ରଥଟାଣିବାର ସୌଭାଗ୍ୟ ଅର୍ଜନ କରିଥିଲେ।

## ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବନ ମହୋତ୍ସବ



**ପାରାଦୀପ, ୯।୭ (ସମିସ):** ପାରାଦୀପ ବାଲିଝରା ଗଣପତି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ତତ୍ତ୍ୱାବଧାନରେ ପୌର ପରିଷଦ ଅଧିନ ସ୍ଥାନୀୟ ରଙ୍ଗିଆଗଡ଼ ସ୍ଥିତ କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ ପରିସରରେ ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ କୁଜଙ୍ଗ ଜଙ୍ଗଲ ଓ ପରିବେଶ ବିଭାଗର ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ ଯୋଗ ଦେଇଥିଲେ। ଚଳିତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ବାର୍ତ୍ତା 'ମା ପାଇଁ ଗଛଟିଏ' ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ବାର୍ତ୍ତା ଦେବା ସହ ଗଛ ଲଗାଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାକୁ ପିଲାମାନଙ୍କୁ କହିଥିଲେ। ସମସ୍ତ କାର୍ଯ୍ୟକ୍ରମ ଇକୋ କ୍ଲବ ଇନଚାର୍ଜ ଗୁରୁଜୀ ଦିବ୍ୟଜ୍ୟୋତି ଲେଙ୍କା, ସୁକାନ୍ତ ଗୁରୁଜୀ, ସୁଧାକର ସ୍ୱାଇଁ, ତିଲୋତ୍ତମା ପରିଡା, କଲ୍ୟାଣୀ ସାହୁ, ନିବେଦିତା ନାୟକ, ସ୍ନେହଲତା ଜେନା, ଲକ୍ଷ୍ମୀପ୍ରିୟା ସୁତାର, ରୋଜାଲିନ ବେହେରା, ଅଞ୍ଜନା ମହାନ୍ତି ଓ ଅନିମା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଷଣ୍ଢ ଚାଲାଣବେଳେ ଟ୍ରକ ଅଟକାଇବାରୁ ଯୁବକଙ୍କୁ ଆକ୍ରମଣ

**ଡେରାବିଶ, ୯।୭ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଅନୁଆପଡ଼ା ଗ୍ରାମ ନିକଟରେ ଏକ ଷଣ୍ଢ ବୋଝେଇ ଟ୍ରକକୁ ଅଟକାଇବାରୁ ଦୁଇ ଜଣ ଯୁବକଙ୍କୁ ଷଣ୍ଢ ଚାଲାଣକାରୀ ଯୁବକମାନେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଷଣ୍ଢ ବୋଝେଇ ହୋଇ ଯାଉଥିବା ଏକ ଟ୍ରକକୁ ଅନୁଆପଡ଼ା ଗ୍ରାମର କେଶବ ତ୍ରିପାଠୀଙ୍କ ଦୋକାନପାଖ ଛକରେ କିଛିବ୍ୟକ୍ତି ଅଟକାଇ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ଅଭିଯୋଗକାରୀ ଶୋରିଷିଆ ଗ୍ରାମର ରାକେଶ ମଲିକ ଓ ତାର ସାଥି କ୍ରିଷ୍ଣାକାନ୍ତ ନାୟକ ସେଠାରେ ପହଞ୍ଚି ଏହି ଟ୍ରକଟି ପୂର୍ବରୁ ମଧ୍ୟ ଷଣ୍ଢ ଚାଲାଣ କରୁଥିବା କହିଥିଲେ। ଏହି କଥା ଶୁଣି ଉଭୟଙ୍କୁ ଶୋରିଷିଆ ଗ୍ରାମର ଟୁଟୁ ନାୟକ, ଲିଟୁ ନାୟକ, ଜଟିଆ ନାୟକ, ରଶ୍ମିରଞ୍ଜନ ନାୟକ ମିଳିମିଶି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଅଭିଯୋଗକାରୀ ତାଙ୍କ ଜୀବନପ୍ରତି ବିପଦଥିବା ଅନୁଭବ କରି ଆକ୍ରମଣକାରୀ ଯୁବକମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରିବା ସହିତ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

# ରାସ୍ତା ପାଲଟିଛି ମରଣଯନ୍ତା; ଦୈନିକ ଘଟୁଛି ଦୁର୍ଘଟଣା



**କେନ୍ଦ୍ରାପଡ଼ା, ୯।୭ (ସମିସ):** ବିପର୍ଯ୍ୟସ୍ତ ହୋଇ ପଡିଛି ପିଚୁ ରାସ୍ତା। ଖଣ୍ଡଖଣ୍ଡ ହୋଇ ସତ୍ତା ହରାଇ ବିପଦକୁ ଡାକୁଛି। ଆଣ୍ଠୁଏ ଖାଲ ହୋଇଛି। ରାସ୍ତାର ଅବସ୍ଥା ଦେଖିଲେ କଚ୍ଚା ସଡକର ଭ୍ରମ ସୃଷ୍ଟି ହେଉଛି। କେବଳ ଦିନରେ ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ବେଳେ ରାତିରେ ଲୋକମାନେ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଦୈନିକ ଦୁର୍ଘଟଣା ଘଟି କ୍ଷତବିକ୍ଷତ ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ପାଟକୁରା ମେଡ଼ିକାଲର ମୁଖ୍ୟ ରାସ୍ତାରେ ଏହିଭଳି ଦେଖିବାକୁ ମିଳିଛି। ଦୈନିକ ହଜାର ହଜାର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଗରଦପୁର, ପାଖଡ, କଳାବୁଦା ଭଳି ଅନେକ ପଞ୍ଚାୟତ ଲୋକେ ଏହି ରାସ୍ତା ଦେଇ କେନ୍ଦ୍ରାପଡ଼ା ସହରକୁ ମଧ୍ୟ ଯାଇଥାନ୍ତି। ସବୁଠାରୁ ବଡ କଥା ହେଲା ପାଟକୁରା ଥାନା ଆଉ ମେଡିକାଲକୁ ଯିବାକୁ ଏହା ମୁଖ୍ୟ ରାସ୍ତା ଅଟେ। ହେଲେ ବୁନ୍ଦେ ବର୍ଷା ହେଲେ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ଆଣ୍ଠୁଏ ଖାଲରେ ନଜାଣିବା ଲୋକ ବାଇକ ପୁରାଇ ଦେଲେ ସେଠାରେ ତଳେ ଛିଟିକ୍ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି।

### ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

ରାସ୍ତାର ଏକ ପାଶ୍ୱର୍ ଦବିଯିବା ସହିତ ରାସ୍ତା ଖଣ୍ଡଖଣ୍ଡ ହୋଇ ଆଁ କରିଛି। କେବଳ ଖଣ୍ଡଖଣ୍ଡ ନୁହେଁ ବରଂ ରାସ୍ତାରୁ ବାହାରିଥିବା ଗୋଡି ଲୋକମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅବସ୍ଥା ଏମିତି ହୋଇଛି ଯେ ଯାନବାହାନ ଚଳାଚଳ ପାଇଁ ଅସନ୍ତୋଷ ପ୍ରକଟ କରୁଛନ୍ତି ସାଧାରଣ ଲୋକେ। ରାସ୍ତାର ଦୁଇ ପାଶ୍ୱର୍ରେ ଘର ରହିଛି ତେଣୁ କେତେବେଳେ ଯେ ଦୁର୍ଘଟଣାରେ କାହାର ଜୀବନ ନଯିବ ତାହା କିଏ ବା କହିବ? ସେହିପରି ଗରଦପୁରରୁ ପାଟକୁରା ଆଡ଼କୁ ଗଲେ ନୈନ୍ଦିପୁରଠାରୁ ଆରମ୍ଭ କରି ମଦନା, ପାଟକୁରା ରାସ୍ତା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏମିତିକି ଯଦି ପିଚୁରେ ପ୍ୟାଚ ପକାଯାଉଛି ତେବେ ଅତି ନିମ୍ନମାନର କାମ ହେଉଥିବାରୁ ୨ ରୁ ୩ ମାସ ଭିତରେ ପୂର୍ବ ଅବସ୍ଥାକୁ ଫେରିଆସୁଛି। ଯାହାଦ୍ୱାରା ଯାନବାହନ ଯାତାୟତ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହି ରାସ୍ତା ପାଇଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ପ୍ରଶାସନର ନିରବତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଲୋକମାନଙ୍କ ଯାତାୟତ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ କାହିଁକି ଅଧିକାରୀମାନେ ଚୁପ୍ ବୋଲି ସଧାରଣରେ ଆଲୋଚନା ହେଉଛି। ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଶ୍ରୀ ଶ୍ରୀ ଗାଦି ଗୋସାଇଁ ମଠ ସୌନ୍ଦର୍ଯ୍ୟକରଣ ପାଇଁ ବୃକ୍ଷ ରୋପଣ

**ରାଜକନିକା, ୯।୭ (ସମିସ):** ପରିବେଶକୁ ସବୁଜିମାରେ ଭରି ଏକ ଆଧ୍ୟାତ୍ମିକ ସ୍ଥଳକୁ ପର୍ଯ୍ୟଟନର ମାନ୍ୟତା ଦାବିରେ ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ର ବାଲିସାହି ଗାଁ ର ଶ୍ରୀଶ୍ରୀ ଗାଦି ଗୋସାଇଁ ମଠ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଛି। ଶ୍ରୀ ଶ୍ରୀ ଗାଦି ଗୋସାଇଁ କମିଟି ତରଫରୁ ଅନୁଷ୍ଠିତ ହୋଇଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମ୍ପାଦକ ଇଂଜିନିୟର ପଞ୍ଚାନନ ଦାସ, ସଦସ୍ୟ ଅଭିମନ୍ୟୁ ଲେଙ୍କା, କିଶୋର ଚନ୍ଦ୍ର ପଲାଇ, ଗଙ୍ଗାଧର ନାଥ, ଜ୍ଞାନ ରଞ୍ଜନ ଦାସ, ଶଙ୍କର୍ଷଣ ନାଥ, ଗୌତମ ନାଥ, ରାଜେନ୍ଦ୍ର ପଲ୍ଲାଇ, ରାମଚନ୍ଦ୍ର ସାହୁ, ଅକ୍ଷୟ ନାଥଙ୍କ ସମେତ କମିଟିର ବହୁ ବ୍ୟକ୍ତି ଉପସ୍ଥିତରେ ବୃକ୍ଷରୋପଣ କରାଯାଇଥିଲା। ଏଠାରେ ଆମ୍ବ, ପିଜୁଳି, ଜାମୁକୋଳି, ନଡ଼ିଆ, ଲିମ୍ବ ଆଦି ବୃକ୍ଷ ରୋପଣ କରାଯାଇଥିଲା। ଆଗାମୀ ଦିନରେ ନିକଟରେ ଥିବା ବଉଳ ପୋଖରୀ ଚାରି ପାଖରେ ବୃକ୍ଷ ରୋପଣ କରାଯିବ ବୋଲି ପ୍ରତିକ୍ରିୟାରେ ସମ୍ପାଦକ କହିଥିଲେ।



## ରାତିଅଧରେ ଅଧାରେ ଅଟକି ରହିଲା ମେଡିକାଲ ଲିଫ୍ଟ

# ରୋଗୀଙ୍କ ସହ ଫସି ରହିଲେ ଚାରିଜଣ






**ଜଗତସିଂହପୁର, ୯।୭ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସା କେନ୍ଦ୍ରରେ ଲାଗିଥିବା ଲିଫ୍ଟ ଗତକାଲି ବିଳମ୍ବିତ ରାତିରେ ଅଧାରେ ଅଟକି ରହିଥିଲା । ଏଥିରେ ଜଣେ ରୋଗୀଙ୍କ ସମେତ ମୋଟ ୪ଜଣ ଦୀର୍ଘ ସମୟଧରି ଲିଫ୍ଟରେ ଫସି ରହିଥିଲେ ।ଏ ସମ୍ପର୍କରେ ଖବରପାଇ ପୁଲିସ ଅଗ୍ନିଶମ ବିଭାଗ ଓ କିଛି ସ୍ୱେଚ୍ଛାସେବୀ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ଶେଷରେ ଲିଫ୍ଟରେ ଅଟକିଥିବା ଉକ୍ତ ୪ଜଣଙ୍କୁ ଉଦ୍ଧାର କରାଯାଇଥିଲା ।ସୁଚନାରୁ ପ୍ରକାଶ, ଗତକାଲି ତିର୍ତ୍ତୋଲ ଅଞ୍ଚଳରୁ ମାତୃ ଓ ଶିଶୁ ବିଭାଗରେ ଚିକିତ୍ସିତ ହେବା ପାଇଁ ଜଣେ ଗର୍ଭବତୀ ରୋଗୀ ଓ ତାଙ୍କର ସହାୟକ ଆସିଥିଲେ। ରାତି ପ୍ରାୟ ୧୨.୩୦ରେ ସେମାନେ ଲିଫ୍ଟରେ ତଳକୁ ଆସୁଥିବା ବେଳେ ଅଧା ବାଟରେ ଲିଫ୍ଟ ବନ୍ଦ ହୋଇ ଯିବାରୁ ମୋଟ ୪ ଜଣ ସେଠାରେ ଫସି ରହିଥିଲେ। ଖବରପାଇ ଘଟଣାସ୍ଥଳରେ ମେଡିକାଲ ମ୍ୟାନେଜର ପହଞ୍ଚି ସହାୟତା ପାଇଁ ସମସ୍ତଙ୍କୁ ଫୋନ କରି ଡକାଇ ଥିଲେ । ଉଦ୍ଧାର ପାଇଁ ମେଡିକାଲ କର୍ମଚାରୀ, ଅଗ୍ନିଶମ ବିଭାଗ, ପୁଲିସ କର୍ମଚାରୀ ଏବଂ କିଛି ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ମିଳିତ ଉଦ୍ୟମ ପରେ ଫସିରହିଥିବା ଉକ୍ତ ୪ ଜଣଙ୍କୁ ଦୀର୍ଘ ଏକ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ତେବେ ଶିଶୁ ଓ ମାତୃ ଚିକିତ୍ସା କେନ୍ଦ୍ର ଗତ ତିନିଦିନ ହେବ ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିଲେ ମଧ କ'ଣ ପାଇଁ ଏପରି ଘଟଣା ଘଟିଲା ସେ ନେଇ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ତରବରିଆ ଭାବରେ ନିମ୍ନ ମାନର କାମ କରାଯାଇଥିବାରୁ ଏପରି ଘଟଣା ଘଟିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବିଦ୍ୟୁତ ବିଚ୍ଛିନ୍ନ ସମସ୍ୟା ପାଇଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କହିଛନ୍ତି ।ତେବେ ପରବର୍ତ୍ତୀ ସମୟରେ ଉକ୍ତ ଲିଫ୍ଟ ସକ୍ରିୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ଆଗକୁ ଲିଫ୍ଟ ଜନିତ ଦୁର୍ଘଟଣା ଏଡାଇବାକୁ କର୍ମଚାରୀ ମାନଙ୍କୁ ସଚେତନ ରହିବାକୁ କୁହାଯାଇଛି ।

**ପୁଲିସ, ଅଗ୍ନିଶମ ଓ ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ପରେ ସୁରକ୍ଷିତ ଭାବେ ଉଦ୍ଧାର**

## ଆଦର୍ଶ ଶିକ୍ଷୟିତ୍ରୀ ବୀଣାପାଣି ପାଲଙ୍କୁ ସମ୍ବର୍ଦ୍ଧନା



**ତିର୍ତ୍ତୋଲ, ୯।୭(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପଟିଲୋ ପଞ୍ଚାୟତ କୋଡିଆଁ କ୍ଲଷ୍ଟରର ଶେଉଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ପାଲଙ୍କୁ ଖଣ୍ଡେଶ୍ୱର ମହାଦେବଙ୍କ ପୀଠରେ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଭାରତୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମାଲଣ୍ଡର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ସିଆରସିସି ସୁନାକର ପରିଜା, ମୁଖ୍ୟବକ୍ତା ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟକ ଡ.ସୁରେନ୍ଦ୍ରନାଥ ତ୍ରିପାଠୀ, ଅତିଥି ବିଦ୍ୟାଳୟର ଶିକ୍ଷକ କାଳନ୍ଦୀ ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ବିଶ୍ୱାଳ, ପ୍ରତାପ ଚନ୍ଦ୍ର ରାଉତ, ବସନ୍ତ ବଳ, ନୃସିଂହ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ସାହୁ, ସିଆରସିସି ଅକ୍ଷୟ ନାୟକ, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ପ୍ରଧାନଶିକ୍ଷୟିତ୍ରୀ ସ୍ୱପ୍ନମରୀ ଆଚାର୍ଯ୍ୟ, ମମତା ପରିଡା, ତମସା ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପାଲଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ତାଙ୍କର ଅବସରକାଳୀନ ଜୀବନ ନିରୋଗ ଓ ସୁଖପ୍ରଦ ହେଉ ବୋଲି କାମନା କରିଥିଲେ। ଶେଷରେ ଶ୍ରୀମତୀ ପାଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲଷ୍ଟରର ସିଆରସିସି ପ୍ରଦୀପ୍ତ କୁମାର ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କଟରା କ୍ଲଷ୍ଟରର ସିଆରସିସି ଦୀପକ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଟ୍ରାକ୍ କ୍ଲବ୍ ପକ୍ଷରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସର ସଫେଇ



**ଜଗତସିଂହପୁର, ୯।୭(ସମିସ):** ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ପରିସରକୁ ଜିଲ୍ଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ଟ୍ରାକ କ୍ଲବ ର ସଦସ୍ୟ ମାନେ ଆଜି ସକାଳୁ ପରିଷ୍କାର ପରିଛନ କରିଛନ୍ତି। ବର୍ଷା ଦିନ ଆଗମନରେ ଷ୍ଟାଡିଅମ ପରିସର ଘାସ ଲତା ମାଡ଼ିଯିବାକ୍ଷ ସହିତ ଲିମ୍ବ ଗଛରୁ ପ୍ରଚୁର ପରିମାଣର ପାଚିଲା ଲିମ୍ବ ଫଳ ମାନ ପଡି ଚାଲିବାକୁ ଉଦିଷ୍ଟ ଥିବା ଟ୍ରାକକୁ ସମ୍ପୂର୍ଣ ଭାବେ ଅପରିଷ୍କାର କରିବା ସହିତ ମାଛି ମାନେ ବହୁଳ ପରିମାଣ ରେ ବସୁଥିଲେ। ଯେଉଁଥିପାଇଁ ସକକୁ ପ୍ରାତ ଭ୍ରମଣ ରେ ଆସୁଥିବା ଅନେକ ବରିଷ୍ଠ ନାଗରିକ, ଯୋଗ ଅଭ୍ୟାସ କାରି, କ୍ରିକେଟ ଖେଳାଳୀ ଓ କରକ୍ଷଟି ଅଭ୍ୟାସ କରିବାକୁ ଆସୁଥିବା ଅନେକ ଖେଳାଳି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅସୁବିଧାକୁ ନେଇ ଟ୍ରାକ କ୍ଲବ ର ସଦସ୍ୟ ମାନେ ଆଜି ଷ୍ଟାଡିଅମ ପରିସରରେ ସଫେଇ କାର୍ଯ୍ୟକ୍ରମ କରିବା ସହିତ ପରିବେଶ ର ସୁରକ୍ଷା ପାଇଁ ଗଛରୁ ପଡ଼ିଥିବା ସମସ୍ତ ଲିମ୍ବ ମଞ୍ଜି କୁ ସଂଗ୍ରହ କରି ନିକଟରେ ଯାଇଥିବା ଅଳକା ନଦୀ ବନ୍ଧର ଦୁଇ ପାଶ୍ୱର୍ରେ ବୁଣିଥିଲେ । ଆଜି ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ବୃକ୍ଷ ରୋପଣର ପରମ୍ପରାକୁ ବଜାଇ ରଖିବା ସହିତ ଗଛଟିଏ ନିଜପାଇଁ ର ଏକ ପ୍ରୟାସ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ତପନ କୁମାର ମଲ୍ଲିକ, ବିଜୟ କୁମାର ରାଉତ, ଦେବେନ୍ଦ୍ର ମଲ୍ଲିକ, ସାରଦା ପ୍ରସାଦ ଦାସ, ଜ୍ଞାନ, ପ୍ରଶାନ୍ତ, ପ୍ରଫୁଲ୍ଲ, ଶମ୍ଭୁ, ହିମାଂଶୁ, ପ୍ରଣବ, ସରୋଜ, ଅଜିତ, ସାନୁ, ଶନା ଓ ମୁଖାର୍ଜୀ ସାର ପରିଚାଳନା କରିଥିଲି। କ୍ଲବ ତରଫରୁ ଆଗାମୀ ଦିନରେ ବୃକ୍ଷ ରୋପଣ କରିବା ସହିତ ପରିବେଶର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

## ବଡ଼ପଡ଼ିଆ ପରିବା ମାର୍କେଟ୍‌ରୁ ବାଇକ୍ ଗାଏବ

**ପାରାଦୀପ, ୯ ।୭ (ସମିସ):** ପାରାଦୀପ ବଡପଡ଼ିଆ ଅଞ୍ଚଳରେ ବାଇକ ରଖିବା ଆଉ ସୁରକ୍ଷିତ ନୁହେଁ ।ଲୁଟେରା ପ୍ରଥମେ ବାଇକ ରଖୁଥିବା ସ୍ଥାନରେ ଚାଳକଙ୍କ ଗତିବିଧି ଜାଣିବା ପରେ ବାଇକକୁ ଉଠାଇନେଇଯାଉଛନ୍ତି ।ମାର୍କେଟିଂ ହେଉ କିମ୍ବା କୌଣସି କାର୍ଯ୍ୟରୁ ଫେରିଲା ପରେ ଆଉ ବାଇକର ପତ୍ତା ମିଳୁନାହିଁ ।ଏଭଳି ଏକ ଘଟଣା ଗତ ଦୁଇଦିନ ତଳେ ବଡପଡ଼ିଆ ପରିବା ମାର୍କେଟରେ ଘଟି ଯାଇଛି ।ଆନନ୍ଦ କୁମାର ସେଠୀ ନାମକ ଜଣେ ବ୍ୟକ୍ତି ପରିବା ମାର୍କେଟରେ ନିଜର ବାଇକରେ ଦୁଇଟି ସ୍ଥାନରେ ଲକ ପକାଇ ପରିବା କିଣିବା ପାଇଁ ଯାଇଥିବା ବେଳେ କୌଣସି ଦୁର୍ବୃତ୍ତ ବାଇକଟିକୁ ଚୋରି କରି ନେଇଯାଇଛି। ଆନନ୍ଦ ପରିବା କିଣି ଆସି ବାଇକ ରଖିଥିବା ସ୍ଥାନରେ ଦେଖିଥିଲେ ବାଇକଟି ଆଉ ସେ ସ୍ଥାନରେ ନାହିଁ।ସେ ତୁରନ୍ତ ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।ତେବେ ସୂଚନା ଥାଉକି ଗତବର୍ଷ ପାରାଦୀପ ଆଦର୍ଶ ଥାନାରେ ଏକ ବାଇକ ଗ୍ୟାଙ୍ଗ ପୁଲିସ ହାବଡ଼ରେ ପଡିଥିଲା ।ପୁଲିସ ସେମାନଙ୍କୁ ବିଭିନ୍ନ ଥାନା ଅଞ୍ଚଳରୁ ଉଠାଇବା ସହିତ ବହୁ ସଂଖ୍ୟକ ବାଇକ ମଧ ଜବତ କରିଥିଲା ।ଜବତ ବାଇକ ଗୁଡିକୁ ଦୁର୍ବୃତ୍ତମାନେ ବିଭିନ୍ନ ସ୍ଥାନରେ ବିକ୍ରି କରିଥିଲେ ।ତେବେ ଲୁଟେରା ଗ୍ୟାଙ୍ଗ ବିଭିନ୍ନ ରକମର ଚାବି ଆଣି ଚାଳକ ବାଇକ ଛାଡି ଗଲାପରେ ବାଇକ ଗୁଡିକୁ ଖୋଲି ନେଇ ଯାଉଥିବା ଜଣାପଡିଛି।

## ନଦୀପଠାରୁ ଗଛ କାଟିବାକୁ ନେଇ ଉଦ୍‌ବେଗ



**କୁଜଙ୍ଗ, ୯।୭(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ମହାନଦୀ ପଠାରୁ ନିୟମିତ ଗଛ କଟାଯିବାକୁ ନେଇ ସରପଞ୍ଚ ସରୋଜ ସେଠୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନଦୀପଠାରେ କୃତ୍ରିମ ଜଙ୍ଗଲ ପାଇଁ ଚାଷ ଜମିର ସୁରକ୍ଷା ସହ ଜୈବ ବିବିଧତା ଯୋଗୁଁ ପଶୁପକ୍ଷୀଙ୍କ ପାଇଁ ଏହି ଜଙ୍ଗଲ ବିଶେଷ ଉପଯୋଗୀ ହେଉଛି। ମାତ୍ର କିଛି ବ୍ୟକ୍ତି ଏହି ଜଙ୍ଗଲ ସହ ରାସ୍ତାରୁ ନିୟମିତ ଗଛ କଟୁଥିବା ଅଭିଯୋଗ ହେବା ପରେ ସରପଞ୍ଚ ଜଙ୍ଗଲ ଅଞ୍ଚଳ ବୁଲିବା ସହ ଗ୍ରାମକୁ ଗ୍ରାମ ବୁଲି ଯଦି କେହି ଏଭଳି କାମ କରୁଛ ସେପରି ନ କରିବାକୁ ପରାମର୍ଶ ଦେବା ସହ ବନ ବିଭାଗର ଦୃଷ୍ଟି ଆକର୍ଷଣ କରୁଛି। କୁଜଙ୍ଗ ବନ ବିଭାଗ କୃତ୍ରିମ ଜଙ୍ଗଲର ସୁରକ୍ଷା ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳର ପରିବେଶପ୍ରେମୀ। ଏବେ ବନ ମହୋତ୍ସବ ଚାଲିଥିବାବେଳେ ସବୁଠି ଗଛ ଲାଗୁଛି। ଏପରିକି ପଙ୍କପାଳରେ ଏକ ନର୍ସରୀ କରାଯାଇ ଜିଲ୍ଲା ଓ ଜିଲ୍ଲା ବାହାରକୁ ଚାରା ଗଛ ଯୋଗାଣ କରାଯାଉଛି। ଦୀର୍ଘ ବର୍ଷ ତଳୁ ସୃଷ୍ଟି କରାଯାଇଥିବା କୃତ୍ରିମ ଜଙ୍ଗଲର ଉପଯୁକ୍ତ ସୁରକ୍ଷା କରିବା ସହ ବନ ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ତିର୍ତ୍ତୋଲରେ ବନ ମହୋତ୍ସବ ପାଳିତ



**ତିର୍ତ୍ତୋଲ, ୯।୭(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାଇଁଲୋ ପଞ୍ଚାୟତ ପୋଷଲ ମହାନଦୀ ବେଳାଭୂମିରେ ଜଗତସିଂହପୁର ବନାଞ୍ଚଳର ରାହାମା(ଟଣ୍ଡ ଆନୁକୁଲ୍ୟରେ ୭୫ତମ ବନମହୋତ୍ସବ ରବିବାର ପାଳିତ ହୋଇଯାଇଛି।(ଟଣ୍ଡ ବନପାଳ ବିରଞ୍ଚି ନାରାୟଣ ଆପଟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ଅନିତା ବାରିକ, ଅତିଥି ପୂର୍ବତନ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ବାରିକ, ସମାଜସେବୀ ବିଜୟ ଦାଶ, ମନୋରନ ଦାଶ, ବିଳାସ ସେନାପତି, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ବନମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅତିଥି ମାନଙ୍କ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଭିନ୍ନ ପ୍ରକାତିର ୫ହଜାରରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଥିଲା। ବନରକ୍ଷ ବିଜୟିନୀ ବିଶ୍ୱାଳ ଓ ରିନାରାଣୀ ମଲ୍ଲିକଙ୍କ ସମେତ ଅନ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ବାଲିକୁଦା, ୯।୭(ସମିସ):** ବାଲିକୁଦା ଏରସମା ବିଜେପି ପକ୍ଷରୁ ବିଜେପି ନେତା ସତ୍ୟ ସାରଥୀ ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ବାଲିକୁଦା ବ୍ଲକ ସଂଗ୍ରାମପୁର ସ୍ଥିତ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତ ଜନତା ଓ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ବର୍ତ୍ତମାନ ପୃଥିବୀରେ ଯେଉଁଭଳି ଭାବେ ତାପମାତ୍ରା ବୃଦ୍ଧି ପାଇବା ସହ ଅମ୍ଳଜାନ ସଂକଟ ଦେଖାଦେଇଛି ତାହାର ନିରାକରଣ ପାଇଁ ପ୍ରତ୍ୟକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ବୃକ୍ଷ ଲଗାଇ ନିଜ ମାଙ୍କ ପ୍ରତି ଥିବା ଭଲପାଇବା ଦର୍ଶାଇ ତାହାର ଲାଳନ ପାଳନ କଲେ ଆଗକୁ ତାହା ପ୍ରକୃତି ମାତାର ସୁରକ୍ଷା ପ୍ରଦାନ କରି ପାରିବ। ଏଣୁ ସମସ୍ତେ ଗୋଟିଏ ଲେଖାଏ ବୃକ୍ଷ ଲଗାଇବା ସହ ଏହାର ସୁରକ୍ଷା ନେବା ପାଇଁ ଶପଥ ନେବାକୁ କହିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ଓ କର୍ମୀମାନଙ୍କ ମଧରେ କ୍ଷେତ୍ରମୋହନ ସାହୁ, ଦିଲ୍ଲୀପ ରାଉଳ, ରାଜଶ୍ରୀ ପଟ୍ଟନାୟକ, ଅର୍ଜୁନ କୁମାର ମୁଦୁଲି, ପ୍ରକାଶ ଡୋରା, ବାବୁଲି ଓଝା, ସୂର୍ଯ୍ୟକାନ୍ତ ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିବସ ପାଳିତ



**ବାଲିକୁଦା, ୯।୭ (ସମିସ):** ବାଲିକୁଦା ବ୍ଲକ ଇଛାପୁର ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମଲିକାପୁର ବୁଥ ପରିସରରେ ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଦିବସ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅମିତା ଦାସ ଯୋଗ ଦେଇ ଡ଼ ମୁଖାର୍ଜୀ ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ ।ଏହି ଅବସରରେ ନିରାକାର ଗାଦି ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଭାନୁପ୍ରୀୟା ଦାସ, ରିନା ସେଠୀ, କୁନି ଲତା ରାଉତ, ମାତା ରାଉତ, ପିନୁ ଦାସଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ପ୍ରିୟବନ୍ଧୁ ପକ୍ଷରୁ ଗଛଟିଏ କବିତା ଆସର



**କୁଜଙ୍ଗ, ୯।୭(ସମିସ):** କୁଜଙ୍ଗସ୍ଥ ନ୍ୟାସନାଲ ସ୍କୁଲ ପରିସରରେ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ 'ପ୍ରିୟବନ୍ଧୁ' ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ନେଇ ବୃକ୍ଷରୋପଣ, ଆଲୋଚନାଚକ୍ର ଓ ଗଛଟିଏ ଶୀର୍ଷକରେ କବିତା ପାଠ କାର୍ଯ୍ୟକ୍ରମ ସହ ପରିବେଶ ସଚେତନା କାର୍ଯ୍ୟକ୍ରମ ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରକୁ ପ୍ରିୟବନ୍ଧୁର ସଭାପତି ଡଃ ରଘୁନାଥ ସାହୁ ଉଦ୍‌ଘାଟନ କରିବା ସହ ସକାଳୁ ବୃକ୍ଷରୋପଣରେ ସହଯୋଗ କରିଥିବା ସଦସ୍ୟ ଓ କବିତା ପାଠରେ ଯୋଗଦେଇଥିବା ବରିଷ୍ଠ ନାଗରିକଙ୍କୁ ସାଧବାଦ ଜଣାଇଥିଲେ। ଆମେ ଶିଳ୍ପକୁ ରୋକିପାରିବା ନାହିଁ ବରଂ ଶିଳ୍ପ ଯୋଗୁଁ ବଢୁଥିବା ପରିବେଶ ପ୍ରଦୂଷଣକୁ ବ୍ୟାପକ ବୃକ୍ଷରୋପଣ, ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣ ଦ୍ୱାରା ରୋକିପାରିବା କହିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ଡଃ ଗଙ୍ଗାଧର ସାମନ୍ତରା ନାଟ୍ୟକାର ରଘୁନାଥ ସାହୁଙ୍କ ସଦ୍ୟ କୃତିତ୍ୱ ପାଇଁ ସାଧୁବାଦ ଜଣାଇ ସାହିତ୍ୟ, ପରିବେଶ ଓ ସଂସ୍କୃତିର ବିକାଶ ଦିଗରେ କୁଜଙ୍ଗକୁ ଅଧିକ ଗୌରାବାନିତ୍ୱ କରିବାକୁ ଆହ୍ୱାନ ଜଣାଇଥିବାବେଳେ ସଂଯୋଜିକା ତଥା ଗରେଇ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କବି ନିରୂପମା ପାଣିଙ୍କ ସଂଯୋଜନାରେ ଗଛଟିଏକୁ ନେଇ ଏକ ମାର୍ମିକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ହୋଇଥିବା କବିତା ଆସର ଓ ଆଲୋଚନାଚକ୍ରରେ କବି ଗୌରହରି ବାରିକ, କବି ନପିନ ପ୍ରଧାନ, କବି ଗୀତା ଦାସ, ଜୟନ୍ତୀ ଦାସ, ଆଇନଜୀବୀ ପ୍ରିୟମ୍ବଦା ପାଣି, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ପୂର୍ବତନ ସରପଞ୍ଚ ବିଜୟ ଖଟାଇ, କବି ଜୟରାମ ସାହାଣୀ, ଜପହରି ବାରିକ, ମାନସୀ ସ୍ୱାଇଁ, ପ୍ରହଲ୍ଲାଦ ସ୍ୱାଇଁ, କୈଳାସ ସାମଲ, କବି ଶଙ୍କର ଦାସ, ଯୋଗେନ୍ଦ୍ର ଦାସ, ବିଭୂତି ଭୂଷଣ ଜେନା, ସୁନାକର ଓଝା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଏରସମା ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

# ୧୨ଟି ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର, ୯ ।୭ (ସମିସ):**



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅନୁପମ ସାହା, ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୧୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ,ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨୧ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୬ ଟି, ଆବାସ ଯୋଜନା ସମ୍ପର୍କୀୟ ୨୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ଭତ୍ତା ପାଇବା ପାଇଁ ୧୦ ଟି, ପୁଲିସ ସହାୟତା ପାଇବା ପାଇଁ ୨ଟି,ରେଡ଼କ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି. ଆର, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ, ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ,ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା, ଲମ୍ବୋଦର ଖୁଣ୍ଟିଆ, ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର , ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଦୟନୀୟ ଅବସ୍ଥାରେ ଅନୁଗୋଳ ପୁରୁଣା ବସଷ୍ଟାଣ୍ଡ ଯାତ୍ରୀ ବିଶ୍ରାମ ଗୃହ



**ଅନୁଗୋଳସଦର ୯ ।୭(ସମିସ):** ଦୀର୍ଘଦିନ ହେଲେ ପୁରୁଣା ବସଷ୍ଟାଣ୍ଡ ମଧ୍ୟରେ ଥିବା ପୁରୁଣା ଯାତ୍ରୀ ବିଶ୍ରାମ ଗୃହଟି ଦୟନୀୟ ଅବସ୍ଥାରେ ପଡ଼ିରହିଛି । ଏଠାରୁ ବସଷ୍ଟାଣ୍ଡ ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ ଅନେକ ସମୟରେ ଗାଁ ଗହଳିରୁ ଯାତ୍ରୀମାନେ ଆସି ଏଠାରେ ଅପେକ୍ଷା କରି ରହୁଛନ୍ତି । ଏବେ ପୁରୁଣା ବସଷ୍ଟାଣ୍ଡ ମଧ୍ୟ ଦେଇ ସମ୍ବଲପୁର, ଦେବଗଡ଼, ଟିକରପଡ଼ା, ଛେଣ୍ଡିପଦା ଭଳି ବିଭିନ୍ନ ଗ୍ରାମାଞ୍ଚଳକୁ ବସ ମାନ ଯିବା ଆସିବା କରୁଛି । ବର୍ଷାଦିନ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଉକ୍ତ ଯାତ୍ରୀ ବିଶ୍ରାମ ଗୃହକୁ ସଫାସୁତରା ଓ ଉପର ଟିଣ ଓ ଆଜବେଷ୍ଟସରେ ଛାଉଣୀ କଲେ ଗାଁ ଗହଳିରୁ ଆସୁଥିବା ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଦାବି ହେଉଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି ।

## ଲୁହାମୁଣ୍ଡା ପଞ୍ଚାୟତରେ ଜନଶୁଣାଣି ଶିବିର



କିଶୋରନଗର, ୯।୭(ସମିସ): କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଲୁହାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଘର ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ବିନୋଦ ବିହାରୀ ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗ ଗୁଡିକ ଶୁଣି ତା'ର ସମାଧାନ କରିଥିଲେ । ଏଥିରେ ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଡିଓ ଦିଲୀପ ପ୍ରଧାନ, ସମିତି ସଭ୍ୟ ଧ୍ରୁବେଇ ବେହେରା, ବ୍ଲକ ସହକାରୀ କୃଷି ଅଧିକାରୀ ଡିଲେଶ୍ୱର ସାହୁ, ଏଏଚଓ ବିସ୍ମୟ ମେହେର, ଏଲଆଇ ସୁଜାତା ପ୍ରଧାନ, ଏଏଚଓ ଦୀପ୍ତିମୟୀ ସିଂହ, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଂଜନ ପ୍ରଧାନ, ଫରେଷ୍ଟର ସୁବ୍ରତ ଶତପଥୀ ,ଡା ସରୋଜ ନନ୍ଦ ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ସମାଧାନ କରିଥିଲେ ।

## ଗ୍ୟାସ୍ ଗୋଦାମରୁ ଲକ୍ଷାଧିକ ଟଙ୍କା ଲୁଟ୍

କାମାକ୍ଷାନଗର, ୯।୭(ସମିସ): ପରଜଙ୍ଗ ଥାନାର ସାଆନ୍ଦା ଫାଣ୍ଡି କୁମୁସି ପଞ୍ଚାୟତ ବସନ୍ତପଡ଼ା ଗ୍ରାମସ୍ଥିତ ବାପୁନ ଗ୍ରାମୀଣ ବିତରକ ଇଣ୍ଡେନ୍ ଗ୍ୟାସ ଗୋଦାମରୁ ସୋମବାର ବିଳମ୍ବିତ ରାତିରେ କେତେକ ଅଜଣା ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହିତ ଆସବାବପତ୍ର ଲୁଟି ନେଇଥିବା ଜଣାପଡ଼ିଛି । ଗ୍ୟାସ ବିତରକ ଚିନ୍ତାମଣି ସାହୁ (୩୨) ଗତକାଲି ଦିନଯାକର ବେପାର କାମସାରି ଟଙ୍କା ଦେଣନେଣ ହିସାବ ସାରି ଦୋକାନ ତାଲା ପକାଇ ଘରକୁ ଯାଇଥିଲେ । ପ୍ରତ୍ୟେକ ଦିନ ପରି ଗୋଦାମ ମାଲିକଙ୍କ ବାପା ପ୍ରମୋଦ ସାହୁ ରାତି ୯ ଘଟିକା ସମୟରେ ଗୋଦାମକୁ ଆସି ଶୋଇଥିଲେ । ରାତି ୧୨ ଘଟିକା ସମୟରେ ୨ଜଣ ଦୁର୍ବୃତ୍ତ ଗୋଦାମ ପାଚେରି ଡେଇଁ ଭିତରକୁ ପ୍ରବେଶ କରି ଶୋଇଥିବା ଗୋଦାମ ମାଲିକଙ୍କ ବାପାଙ୍କ ହାତଗୋଡ଼ ବାନ୍ଧିବା ସହିତ ପାଟିକୁ ବନ୍ଦ କରିଦେଇ ନଗଦ ୨ ଲକ୍ଷ ୫୦ହଜାର ଟଙ୍କା ସହିତ ଲାପଟପ, ଫ୍ୟାନ, ପ୍ରିଣ୍ଟର, ଡିଜେଲ ୨୫ ଲିଟର ଲୁଟି ଚମ୍ପଟ ମାରିଥିଲେ । କିଛି ସମୟ ପରେ ପ୍ରମୋଦ ଚେଷ୍ଟା କରି ହାତ ଗୋଡ଼ ବନ୍ଧାରୁ ମୁକୁଳି ସ୍ଥାନୀୟ ଜନବସତିକୁ ଯାଇ ଘରକୁ ଫୋନ୍ ଯୋଗେ ସମସ୍ତ କଥା କହିବା ପରେ ପରିବାର ସଦସ୍ୟ ଗୋଦାମରେ ପହଞ୍ଚି ସାଆନ୍ଦା ଫାଣ୍ଡି ଅଧିକାରୀଙ୍କୁ ଫୋନ୍ ଯୋଗେ ଚୋରି ହୋଇଥିବା ବିଷୟରେ ଅବଗତ କରିବା ସହିତ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଭିଯୋଗ ମୁତାବକ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି । ସାଆନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ଚୋରି ଘଟଣାର ଏକ ସପ୍ତାହ ହୋଇନଥିବା ବେଳେ ଗ୍ୟାସ ଗୋଦାମ ଚୋରି ଘଟଣା ଦେଖିବାକୁ ମିଳିଛି । ଏନେଇ ରାତିରେ ସାଧାରଣ ଲୋକେ ସୁରକ୍ଷିତ ମନେ କରୁନାହାଁନ୍ତି । ପୁଲିସ ପକ୍ଷରୁ ଅଧିକ ରାତ୍ରି ପ୍ରହରା ଦେବେକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଋଣଭାର ସହି ନପାରି ଯୁବକଙ୍କ ଆତ୍ମହତ୍ୟା

**କିଶୋରନଗର, ୯।୭(ସମିସ):** କିଶୋରନଗର ଥାନା ବ୍ରାହ୍ମଣୀପାଲ୍ଲୀ ଗ୍ରାମର ଜଣେ ଯୁବକ ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ଆଣି ଶୁଝି ନପାରିବାରୁ ଆଜି ଚୁଡ଼ାଖାଇ ଜଙ୍ଗଲରେ ଆତ୍ମହତ୍ୟା କରିଛନ୍ତି । ପୁଲିସ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଶବକୁ ଉଦ୍ଧାର କରିଛି । ମୃତକ ହେଲେ ଶେଷ ଦେବ ମିର୍ଦ୍ଧା (୩୦) । ସୂଚନାଯୋଗ୍ୟ ଯେ, ଶେଷଦେବଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କ କହିବା ଅନୁଯାୟୀ ଶେଷଦେବ ୨/୩ଟି ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ଆଣିଥିଲେ । କଂପାନୀର କର୍ମଚାରୀମାନେ ବାରମ୍ବାର ତାଙ୍କୁ ଋଣ ଅର୍ଥ ପଇଠ କର ବୋଲି କହୁଥିଲେ । ଏନେଇ ସେ ମର୍ମାହତ ହେବା ସହ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ।

# ତାଳଚେରରେ ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା

ତାଳଚେର, ୯ ।୭(ସମିସ)



- ଏପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥାର ସୁଧାର ଲାଗି ବସିନି ବୈଠକ
- ନାଳନର୍ଦ୍ଦମାରେ ପଡ଼ିନି ମଶାତେଲ କି ବ୍ଲିଚିଂ ପାଉଡର

ମୌସୁମୀ ବର୍ଷା ପୂର୍ବରୁ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରଶାସନିକ ସ୍ତରରେ ପୂର୍ବରୁ ବୈଠକ କରାଯାଇ ଏହାର ବିଧିବଦ୍ଧ ନିଷ୍ପତ୍ତି ନିଆଯାଏ । ମାତ୍ର ଚଳିତବର୍ଷ ପ୍ରଶାସନିକ ସ୍ତରରେ ଏପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥାକୁ ନେଇ କୌଣସି ବୈଠକ ବସି ନଥିବା କୁହାଯାଉଛି । ସହରରେ ମଶା, ମାଛି ଉପଦ୍ରବ ବଢୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌର ପରିଷଦ ପକ୍ଷରୁ ଏହାର ପ୍ରତିକାର ନିମନ୍ତେ ସଠିକ ଭାବେ ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହେଉଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶା ତେଲ ଯୋଗାଣ ହେଉଥିବା ବେଳେ ପୌରସଂସ୍ଥା କର୍ମଚାରୀଙ୍କ ଦ୍ୱାରା ଏହି ତେଲକୁ ନାଳନର୍ଦ୍ଦମାରେ ପକାଯାଇଥାଏ । ମାତ୍ର ମଶା ତେଲ ତ ଦୂରର କଥା, କେଉଁଠାରେ ହେଲେ ମଧ୍ୟ ପୌର ପରିଷଦ ପକ୍ଷରୁ ବ୍ଲିଚିଂ ପାଉଡର ଟୋପେ ପକାଉ ନଥିବା ଅଭିଯୋଗ ହେଉଛି । ପୌରସଂସ୍ଥାର ମଶାଧୂଆଁ ଛାଡ଼ିବାକୁ ମେସିନ୍ ରହିଥିଲେ ମଧ୍ୟ ତାହା ବ୍ୟବହାର କାହିଁକି କରାଯାଉନାହିଁ ,ଏହାକୁ ନେଇ ସହରାବାସୀ ପ୍ରଶ୍ନ କରିବା ସହିତ ଆସୁଥିବା ଏହି ମଶାତେଲ ଓ ବ୍ଲିଚିଂ କେଉଁଆଡ଼େ ଯାଉଛି ବୋଲି ଆଲୋଚନା ହେଉଛି । ଫଳରେ ମଶା, ମାଛିଙ୍କ ପ୍ରଦୁର୍ଭାବ ଆଶାତୀତ ବୃଦ୍ଧି ପାଉଥିବା ବେଳେ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣଭାବେ ଭୁଶୁଡ଼ି ପଡ଼ିଥିବା ସହରବାସୀ ପ୍ରକାଶ କରିଛନ୍ତି । ଏତିକି ନୁହେଁ, ଡେଙ୍ଗୁ ପାଇଁ ମଧ୍ୟ ପ୍ରଶାସନ ତରଫରୁ ସେହିଭଳି କିଛି ଆଖିଦୃଶିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇ ନଥିବା କୁହାଯାଉଛି । ସହର ମଧ୍ୟରେ ରହିଥିବା ଟାୟାର ଦୋକାନରେ ଟାୟାର ଗଦା ହୋଇରହିବା, ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ, ବିଭିନ୍ନ ରାସ୍ତାରେ ପାଣି ଜମିରହୁଥିବା, ମାଛ, ମାଂସ ମାର୍କେଟଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ହେଉ ନଥିବା, ଡ୍ରେନ ଗୁଡ଼ିକରେ ଅଳିଆ ଆବର୍ଜନା ଜମାହୋଇ ରହୁଥିବା, ପ୍ଲାଷ୍ଟିକ, ପାଣିପିଆ ଗ୍ଲାସ୍, ପୁରୁଣା ପ୍ଲାଷ୍ଟିକ୍ ସାମଗ୍ରୀ ଓ ଚା'କପ ଇତ୍ୟାଦି ଇତସ୍ତତ ହୋଇପଡ଼ି ରହିଥିବା ଯୋଗୁଁ ଡେଙ୍ଗୁର ଆଶଙ୍କାକୁ କଦାପି ଏଡ଼ାଇ ଦିଆଯାଇ ନପାରେ ବୋଲି ଚର୍ଚ୍ଚା ଜୋର ଧରୁଛି । ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ତାଳଚେର ଅଞ୍ଚଳରେ କିଛିବର୍ଷ ପୂର୍ବେ ପ୍ରଥମେ ଡେଙ୍ଗୁରେ ବହୁଲୋକ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବେଳେ ଆଉ କେହି ଅଳ୍ପକେ ଜୀବନ ଫେରିପାଇଥିବା ଘଟଣା ଚର୍ଚ୍ଚାର ପରିଧିକୁ ଆସିଥିଲା । ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

## ବିଭିନ୍ନ କୋଇଲା ଖଣିରେ ଭିଜିଲାନ୍ସ ଚଢ଼ାଉ



**ତାଳଚେର ସଦର, ୯ ।୭(ସମିସ):** ଆଜି ଏମସିଏଲର ନିଜସ୍ୱ ଭିଜିଲାନ୍ସ ଟିମ୍ ତାଳଚେର ଆସି ବିଭିନ୍ନ କୋଇଲା ଖଣିରେ ତନାଘନା କରିଥିବା କୁହାଯାଉଛି । କୋଇଲା ଖଣି ଗୁଡ଼ିକରେ ସଦାସର୍ବଦା ନିଜସ୍ୱ ସିକ୍ୟୁରିଟି, ଘରୋଇ ସିକ୍ୟୁରିଟି, ଓଏସଟିଏଫ ଓ ଅନ୍ୟାନ୍ୟ ପଦାଧିକାରୀ ଥାଇ ମଧ୍ୟ ବ୍ୟାପକ କୋଇଲା ହେରଫେର୍ ସହିତ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହେବାପରେ ମଧ୍ୟ ଏଥିରେ ସୁଧାର ଆସିପାରୁ ନାହିଁ । ଏପରି ଅନକେ ଘଟଣାକୁ କେନ୍ଦ୍ରକରି ଆଜି ଏମସିଏଲର ଭିଜିଲାନ୍ସ ଟିମ୍ ଲିଙ୍ଗରାଜ କୋଇଲା ଖଣିଠାରୁ ଆରମ୍ଭ କରି ସମସ୍ତ ଖଣିଗୁଡ଼ିକରେ ସିସି କ୍ୟାମେରା, ପରିବହନ ରାସ୍ତା, କୋଇଲା ଖଣିର ସମେତ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡ଼ିଛି । ଏପରିକି ଭିଜିଲାନ୍ସ ଟିମ୍ ଖଣି ପରିସରରେ ଡ୍ରୋନ କ୍ୟାମରା ଯୋଗେ ଛବି ଉତ୍ତୋଳନ କରି ଏହାକୁ ଅନୁଧ୍ୟାନ କରୁଥିବା କୁହାଯାଉଛି । ପ୍ରକାଶଥାଉ କି, ଖଣି ଗୁଡ଼ିକରେ ଭିନ୍ନ ଭିନ୍ନ ସମୟରେ ଟ୍ରିପ୍ ଟ୍ରିପ୍ ଚୋରା କୋଇଲା, ଡିଜେଲ, ମୋବିଲ, ବଡ଼ ବଡ଼ ଗାଡ଼ିର ଦାମୀ ଯନ୍ତ୍ରାଂଶ ଚୋରି ହୋଇଥାଏ । ଏହି ଚୋରି ଘଟଣାକୁ ନେଇ ଏମସିଏଲ ପକ୍ଷରୁ ବିଭିନ୍ନ ଥାନାରେ ଉଚ୍ଚ କର୍ତ୍ତୃପକ୍ଷମାନେ ଲିଖିତ ଅଭିଯୋଗ କରିବାପରେ କିଛି ଘରୋଇ ସଂସ୍ଥା ସିକ୍ୟୁରିଟି ଏଥିରେ ସମ୍ପୃକ୍ତ ରହିଥିବାରୁ ଗିରଫ ହୋଇଥିବା ପୂର୍ବରୁ ଦୃଷ୍ଟାନ୍ତ ରହିଛି । ଉଚ୍ଚ କର୍ତ୍ତୃପକ୍ଷ ଏହି ଲୁଟପାଟ ଓ ଅନିୟମିତତା ଘଟଣାକୁ କେନ୍ଦ୍ରକରି ଥାନାରେ ଲିଖିତ ଅଭିଯୋଗ କରିବାପରେ ପରବର୍ତ୍ତୀ ସମୟରେ ଏହାକୁ ନେଇ ଚୁପ୍ ହୋଇ ବସିପଡ଼ିଥିବା ଅଭିଯୋଗ ହେଉଛି ।

## ସୁଭଦ୍ରା ଯୋଜନାର ରୂପରେଖ ଉପରେ ଆଲୋଚନା




ପାଲଲହଡ଼ା, ୯ ।୭(ସମିସ): ଗତ ସାଧାରଣ ନିର୍ବାଚନ ସମୟରେ ବିଜେପିର ମୁଖ୍ୟ ନିର୍ବାଚନୀ ଇସ୍ତାହାର ଥିଲା ରାଜ୍ୟରେ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରି ପ୍ରତ୍ୟେକଙ୍କୁ ପଚାଶ ହଜାର ଟଙ୍କାର ଭାଉଚର ପ୍ରଦାନ କରିବା । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଏହି ଯୋଜନାର ଶୁଭାରମ୍ଭ କରିବାକୁ ଯାଉଥିବା ବେଳେ ଆଜି ଏହି ଉପଲକ୍ଷେ ଏହାର ରୂପରେଖ ଉପରେ ଏକ ବିରାଟ ଆଲୋଚନାଚକ୍ର ସ୍ଥାନୀୟ ଶରତଚନ୍ଦ୍ର କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଜେପି ନେତା ଆଡଭୋକେଟ ତନ୍ମୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସ୍ୱତନ୍ତ୍ର ଅତିଥି ରୂପେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରତ୍ୟେକ ମହିଳା ମା' ଏହି ଯୋଜନାରେ କିପରି ସାମିଲ ହୋଇ ସରକାରଙ୍କ ଏହି ସୁଦୂର ପ୍ରସାରି ଯୋଜନାର ସୁଫଳ ପାଇପାରିବେ ଏବଂ କିପରି ଦରଖାସ୍ତ କରାଯିବ, ସେ ବିଷୟରେ ବିଶଦ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାଡା, ଶିଶୁ ଓ ମହିଳା ସମ୍ବନ୍ଧିତ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମହନ୍ତ, ବିଜେପି ଜିଲ୍ଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଓ ସମସ୍ତେ କିପରି ଏହାର ଫାଇଦା ନେଇପାରିବେ ଭାଷଣ ପ୍ରସଙ୍ଗରେ ଉତ୍ଥାପନ କରିଥିଲେ । ଏଥିରେ ବ୍ଲକର ପ୍ରାୟ ଦୁଇହଜାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଜୀବିକା ମିଶନ ଶକ୍ତିର କର୍ମଚାରୀ ଯୋଗଦେଇଥିଲେ ।

## ଜୁଇରେ ଜଳିଲା ସଂସ୍କାର ଗୃହ ନାବାଳକ ଶବ

**ଅନୁଗୋଳ ୯ ।୭(ସମିସ):** ଗତ ପାଞ୍ଚ ତାରିଖ ବଡ଼ିଭୋରରେ ଅନୁଗୋଳ ପରିବୀକ୍ଷଣ ଛାତ୍ରାବାସ ବା ସଂସ୍କାର ଗୃହର ନାବାଳକ ଅନ୍ତେବାସୀ ଗାଧୁଆ ଘରେ ବେକରେ ଗାମୁଛା ଗୁଡ଼ାଇ ଆତ୍ମହତ୍ୟା କରିବା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଦୁଃଖର କଥା ପିଲାଟିର ବାପା ମୃତ୍ୟୁବରଣ କରିଥିବା ବେଳେ ମା' ମୁଣ୍ଡ ଠିକ୍ ଭାବେ କାମ କରୁନି । ମୃତ୍ୟୁ ପରେ ଶବ ହସ୍ତାନ୍ତର ପାଇଁ ପରିବାର ଲୋକେ ରାଜି ନହେବାରୁ ପଞ୍ଚାନାମା ପରେ ଶବକୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଥିଲା । ଆଜି ସେଠାରୁ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ କରଡ଼ାଗାଡ଼ିଆ ଶ୍ମଶାନରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଅନ୍ୟ ବିଭାଗର ଉଚ୍ଚ ଅଧିକାରୀ ତଥା ସମାଜସେବୀ ଚିନ୍ମୟୀ ଦାସଙ୍କ ଉପସ୍ଥିତିରେ ନାବାଳକର ଚିତା ଜଳିଥିଲ । ପ୍ରଶ୍ନ ଉଠୁଛି ନାବାଳକର ମୃତ୍ୟୁ ପାଇଁ ଦାୟୀ କିଏ । ସମୟ କହିବ ତଦନ୍ତ କିଭଳି ଚାଲିଛି ଓ କାର୍ଯ୍ୟାନୁଷ୍ଠାନ କ'ଣ ନିଆ ଯାଇଛି ।

## ପଞ୍ଚ ଶ୍ରୀକ୍ଷେତ୍ରରେ ଭଜନ ସନ୍ଧ୍ୟା

**ବଅଁରପାଳ, ୯ ।୭(ସମିସ):** ବଅଁରପାଳ ପଞ୍ଚ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ମଣ୍ଡପଠାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି । ଆଜି ଭଜନ ଦ୍ୱିତୀୟ ଦିବସ ଭଜନ ସନ୍ଧ୍ୟା ଅବସରରେ ଶୁଭେନ୍ଦୁ ବେହୁରାଙ୍କ ତତ୍ତ୍ୱାବଧାନରେ କଟକର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଜଗନ୍ନାଥ ଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ଏଥିରେ କଣ୍ଠଶିଳ୍ପୀମାନେ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ଏହି ଭଜନ ସନ୍ଧ୍ୟାରେ ଗାୟକ ଅରବିନ୍ଦ, ଜିତେନ୍ଦ୍ର ଓ ଗାୟିକା ପ୍ରମିଳା ଭଜନ ପରିବେଷଣ କରିଥିଲେ । ଏହି ଭଜନ ସନ୍ଧ୍ୟା ଆସନ୍ତା ବାହୁଡ଼ା ପର୍ଯ୍ୟନ୍ତ ପରିବେଷଣ ହେବ ବୋଲି ଆୟୋଜକ ଶୁଭେନ୍ଦୁ ଓ ସତ୍ୟବାନ ବରାହ ପ୍ରକାଶ କରିଛନ୍ତି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କାମାକ୍ଷାନଗର, ୯।୭(ସମିସ):** କାମାକ୍ଷାନଗର ୨ ନଂ ୱାର୍ଡ ସ୍ଥିତ ମଡ଼ିସାହିରେ ଦର୍ପଣୀ ସାହୁ(୫୪) ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିବାବେଳେ ଆଜି ଅପରାହ୍ନରେ ନିଜ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଦୁଇ ଝିଅ, ଜ୍ୱାଇଁ ଓ ଏକମାତ୍ର ପୁଅ ଉପସ୍ଥିତ ଥିବାବେଳେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି ।

### କଟକଣା ବିହୀନ ଭାରୀଯାନ ଚଳାଚଳ

# ଦୁର୍ଦ୍ଦିନରେ ପଥଚାରୀ, ହନ୍ତସନ୍ତ ବିଦ୍ୟାର୍ଥୀ

କଣିହାଁ, ୯।୭(ସମିସ)



ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର କଣିହାଁ ବ୍ଲକରେ ଅନେକ ଶିଳ୍ପସଂସ୍ଥା ଗଢ଼ିଉଠିଛି । ଏଥିଯୋଗୁଁ ଜମିହରା କ୍ଷତିଗ୍ରସ୍ତଙ୍କ ଦାବି ଅଦ୍ୟାବଧି ପୂରଣ ହୋଇନାହିଁ । ବହୁ ସମୟରେ ଦାବି ସମାଧାନ ପାଇଁ ଆନ୍ଦୋଳନ ହେଉଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ । ଏହାକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ପ୍ରକୃତ ସମାଧାନର ଦିଗରେ ପ୍ରଶାସନ ସହିତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ମୂଳ କାରଣ ହେଉଛି । କଣିହାଁରୁ ଏନଟିପିସି ବଜାର ଦେଇ ତାଳଚେରକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ପଥଚାରୀଙ୍କ ଦୁର୍ଦ୍ଦିନର କାରଣ ହୋଇଛି । ଏହି ରାସ୍ତାରେ ନିର୍ଭର କର୍ମଜୀବୀ ଜନସାଧାରଣଙ୍କ ସହିତ ଆଗାମୀ ଦିନର ଭବିଷ୍ୟତ ବିଦ୍ୟାର୍ଥୀ ସ୍କୁଲ ଯିବା ଆସିବା ବେଳେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମଙ୍ଗଳବାର ଭାରିଯାନ ଚଳାଚଳ ଯୋଗୁଁ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଯାତାୟାତରେ ବ୍ୟାଘାତ ଉପୁଜିଥିଲା । ଏନଟିପିସିର ମୁଖ୍ୟ ଫାଟକ ସମ୍ମୁଖରେରୁ ବଲାଙ୍ଗି ଲେବୁଲ କ୍ରସିଂ ପର୍ଯ୍ୟନ୍ତ ସହସ୍ରାଧିକ କୋଇଲା ଓ ପାଉଁଶ ପରିବହନ ଗାଡ଼ି ଟ୍ରିପିଲ ଲାଇନ କରି ପାର୍କିଂ କରି ରଖି ଦେଇଛନ୍ତି । ଏଥି ପାଇଁ ପଥଚାରୀ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଆମ୍ବୁଲାନ୍ସରେ ରୋଗୀ ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସରକାର ଏଦିଗରେ ପଦକ୍ଷେପ ନେବା ସହିତ ସୁରକ୍ଷିତ ଯାତାୟାତ ଲାଗି ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

### ■ ମୃଦୁଳା ଠାକୁରଙ୍କ ଦିନିକିଆ ପାଲଲହଡ଼ା ଗସ୍ତ

# ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଧନ୍ୟ ମଣିଲେ



**ପାଲଲହଡ଼ା ୯ ।୭(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ମଙ୍ଗଳବାର ଦିନିକିଆ ପାଲଲହଡା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଶ୍ରୀମତୀ ପ୍ରଧାନ ପ୍ରଥମେ ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରି ପାଲଲହଡାର ଆରାଧ୍ୟ ଦେବୀ ମା' କୁଣ୍ଡେଇବିରାଙ୍କ ଦର୍ଶନ ପୂର୍ବକ ଆଶିଷ ଭିକ୍ଷା କରିଥିଲେ । ଏହାପରେ ମହତାବ ହାଇସ୍କୁଲ ପରିସରରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମିଲ ହୋଇ ମା' ପାଇଁ ଗଛଟିଏ ସଂକଳ୍ପକୁ ପୂରା କରିବା ପାଇଁ ସ୍କୁଲ ସାମ୍ନାରେ ଗୋଟିଏ ବଉଳ ଗଛ ଲଗେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ । ଶ୍ରୀମତୀ ଠାକୁର ପ୍ରଧାନଙ୍କ ସହିତ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ବରିଷ୍ଠ ବିଜେପି ନେତା ଆଡଭୋକେଟ ତନ୍ମୟ କୁମାର ସାହୁ, ପ୍ରାକ୍ତନ ସମିତି ଅଧ୍ୟକ୍ଷ ଅଜିତ କୁମାର ପ୍ରଧାନ, ବିଜେପି ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାଶ, ବିଜେପି ସଭାନେତ୍ରୀ ରଂଜିତା ନାଥ, ସୁସ୍ମିତା କାରୁଆଙ୍କ ସମେତ ବହୁ ବିଜେପି ନେତା ଯୋଗଦେଇଥିଲେ । ମହତାବ ହାଇସ୍କୁଲ ଚଳିତ ବର୍ଷ ପ୍ଲାଟିନମ ଜୁବୁଲି ପାଳନ କରିବାକୁ ଯାଉଥିବା ବେଳେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ଶ୍ରୀମତୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ ।

